ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଜୁଲାଇ ୨୦୨୩



## ସଂକ୍ଷେପରେ

### ଆଖି ସଂକ୍ରମଣରେ ଛାତ୍ରୀଛାତ୍ର ଆକ୍ରାନ୍ତ

ବଡ଼ଗାଁ,୧୯।୭( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ର ଆଖି ସଂକ୍ରମଣରେ ଆକ୍ରାନ୍ତ ହେଉଛନ୍ତି। ଆଖି ଲାଲ ହୋଇ କୁଣ୍ଡେଇ ହେଉଥିବା ଏବଂ କେତେକ ଛାତ୍ରୀଛାତ୍ରଙ୍କୁ ଜ୍ୱର ମଧ ହେଉଥିବା ଜଣାପଡିଛି। ସାହାଜବାହାଲ ଉଚ୍ଚ ବିଦ୍ୟାଳୟ ୪ ଛାତ୍ର ଆଖିଧରାରେ ଆକ୍ରାନ୍ତ ହୋଇଥିବାବେଳେ ଜାଙ୍ଗଲି ପ୍ରାଥମିକ ବିଦ୍ୟାଳୟର ୩ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆକ୍ରାନ୍ତ ହୋଇଛନ୍ତି। ବଡପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ ଓ ସିଙ୍ଗାରମୁଣ୍ଡା ହାଇସ୍କୁଲର ଜଣେ ଛାତ୍ର ଆଖିଧରା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏ ସମ୍ପର୍କରେ ସାହାଜବାହାଲ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଦିଲୀପ ପୃଷେଟଙ୍କୁ ପଚାରିବାରୁ, ୪ ଆଖିଧରା ଆକ୍ରାନ୍ତଙ୍କୁ ସାହାଜବିହାଲ ସବ୍‌ସେଣ୍ଟର୍‌କୁ ନିଆଯାଇଥିଲା। ହେଲେ ସେଠାକୁ ଏହାର ଔଷଧ ଆସିନାହିଁ ବୋଲି ସେମାନେ କହିଥିଲେ। ତେବେ ଗତ ୨ ସପ୍ତାହ ହେଲା ରାଜ୍ୟର ବିଭିନ୍ନ ଜିଲାରେ ଏହି ସଂକ୍ରମଣ ଦେଖାଦେଇଥିଲେ ମଧ ଏଯାଏଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ଔଷଧ ଯୋଗାଣ କରାଯାଇ ନ ଥିବାରୁ ଅଭିଭାବକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

### ବସନ୍ତ, ଅମିୟ ବିଜେଡି ଜିଲା ସମ୍ପାଦକ

ବଡ଼ଗାଁ, ୧୯।୭( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବିଜୁ ଜନତା ଦଳର ସଙ୍ଗଠନ ପଦବୀରେ ପରିବର୍ତ୍ତନ କରାଯାଇଛି। ବଡ଼ଗାଁ ବ୍ଲକର ବିଜେଡି ସଭାପତି ଦେବାଶିଷ ମିଶ୍ରଙ୍କ ପଦବୀ ବଳବତ୍ତର ରହିଥିବାବେଳେ ସାହାଜବାହାଲର ବସନ୍ତ ସାହୁ ଓ ତୁଡାଲଗା ଗ୍ରାମର ଅମିୟ ମୁଦୁଲିଙ୍କୁ ଜିଲା ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିବା ବସନ୍ତ ସାହୁ ଦୀର୍ଘବର୍ଷ ଧରି ଭାଜପାରେ ସଙ୍ଗଠନ ଦାୟିତ୍ୱ ତୁଲାଇ ଆସୁଥିଲେ। ଗତବର୍ଷ ଭାଜପା ଜିଲା ଉପ ସଭାପତି ପଦରୁ ସେ ଇସ୍ତଫା ଦେଇଥିଲେ। ସେହିପରି କଂଗ୍ରେସ ଦଳର ହାତ ଛାଡି ଅମିୟ ମୁଦୁଲି ଗତବର୍ଷ ଶଙ୍ଖ ଧରିଥିଲେ। ଏନେଇ ବସନ୍ତ ସାହୁ ଓ ଅମିୟ ମୁଦୁଲିଙ୍କୁ ପଚାରିବାରୁ, ଗତ ପଞ୍ଚାୟତ ନିର୍ବାଚନରେ ଯେଉଁ ଦାୟିତ୍ୱ ଦିଆଯାଇଥିଲା ତାହା କରିଦେଖାଇଛୁ। ବିପୁଳ ଭୋଟରେ ଜିଲା ପରିଷଦ ଆସନ ଅକ୍ତିଆର କରିଛୁ। ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ ମଧ ନିଷ୍ଠାର ସହିତ କାମ କରିବୁ ଓ ନିଶ୍ଚୟ ବିଜୟ ହାସଲ କରିବୁ ବୋଲି ସେମାନେ କହିଛନ୍ତି। ଆମ ପ୍ରତି ବିଶ୍ୱାସ ରଖି ଜିଲା ସମ୍ପାଦକ ଦାୟିତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଳା ପର୍ଯ୍ୟବେକ୍ଷଣ ତଥା ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ, ଜିଲା ସଭାପତି ବିନୟ ଟପ୍ପୋ, ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ରାଜ୍ୟ ସଂଗଠନ ସମ୍ପାଦକ ବବି ଦାସ ଓ ରାଜ୍ୟ ବିଜୁ ଯୁବମୋର୍ଚ୍ଚା କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କୁ ଉଭୟେ କୃତଜ୍ଞତା ଜଣାଇଛନ୍ତି।

### ଛୁଆ ଚୋର ସନ୍ଦେହରେ ୪ ଯୁବକଙ୍କୁ ପିଟିଲେ

ଡୁଙ୍ଗୁରିପାଲି,୧୯।୭ (ଦୀନବନ୍ଧୁ ସୁନା): ଛୁଆ ଚୋର ସନ୍ଦେହରେ ନେହେରୁନଗର ଗ୍ରାମର କେତେଜଣ ଲୋକ ୪ ଜଣ ଯୁବକଙ୍କୁ ମାଡ ମାରିବା ସହ ବୁଧବାର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ପୋଲିସ ଜିମା ଦେଇଛନ୍ତି। ପୂର୍ବାହ୍ନ ୧୦ଟାରେ ନେହେରୁନଗରରେ ପାଠ ପଢୁଥିବା ୪-୫ ଜଣ ଛୋଟ ପିଲା ନେହେରୁନଗର ବସ୍‌ଷ୍ଟାଣ୍ଡ ନିକଟରେ ଛିଡା ହୋଇଥିଲେ। ଏହି ସମୟରେ ଝାଡଖଣ୍ଡ ରାଜ୍ୟର ୪ଜଣ ଯୁବକ ହଜିଯାଇଥିବା ମୋବାଇଲ ଖୋଜିବାକୁ ଆସି ବସଷ୍ଟାଣ୍ଡରେ ଛୋଟ ପିଲା ଛିଡା ହୋଇଥିବା ଦେଖିଥିଲେ । ହଜି ଯାଇଥିବା ମୋବାଇଲ କିଏ ଦେଖିଛ ବୋଲି ପଚାରିବା ପାଇଁ ଡାକିଥିଲେ । ସେଥିମଧରୁ ଜଣେ ବାଳକ ସେଠାରୁ ଭୟରେ ପଳାଇ ନେହେରୁନଗର ବସ୍ତିବାସୀଙ୍କୁ ଛୁଆ ଚୋରମାନେ ଆମକୁ ଡାକୁଥିବା କହିଥିଲେ । ଅନ୍ୟ ବାଳକମାନେ ମଧ ଦୌଡ଼ି ପଳାଇଥିଲେ । ଖବର ପାଇ ଗ୍ରାମବାସୀ ସମ୍ପୃକ୍ତ ଯୁବକଙ୍କୁ ପିଛା କରି ଚିନାଜୁରି ରାସ୍ତା ନିକଟରେ ସେମାନଙ୍କ ଗାଡି ଅଟକାଇ ମାଡ଼ ମାରିବା ସହ ଓ ଡୁଙ୍ଗୁରିପାଲି ଥାନାକୁ ଫୋନ କରିଥିଲେ । ଡୁଙ୍ଗୁରିପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକମାନଙ୍କୁ ଥାନାକୁ ଆଣିଥିଲେ। ପରେ ପିଲାଙ୍କୁ ଥାନାକୁ ଡାକି ପଚରାଉଚରା ପରେ ଜଣେ ବାଳକ ଆମକୁ ଡାକି ମୋବାଇଲ ପାଇଛ କି ବୋଲି କହିଥିବା ଜଣାଇଥିଲେ । ଏ ନେଇ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟ ନାରାୟଣ ପଧାନଙ୍କୁ ପଚାରିବାରେ ଘଟଣା ବରଗଡ ଜିଲା ବରପାଲି ଥାନା ନେହେରୁ ନଗର ଗାଁର ହୋଇଥିବାରୁ ଆମ ଥାନାରେ ମାମଲା ରୁଜୁ ହୋଇ ନ ଥିବା କହିଥିଲେ ।

# ଡାକ୍ତରଙ୍କ ଅବହେଳା, ଶିଶୁକନ୍ୟା ମୃତ୍ୟୁ ଅଭିଯୋଗ

ସୁନ୍ଦରଗଡ଼,୧୯।୭(ଜୟ ନାରାୟଣ ମେଣ୍ଡୁଲି)

ଡାକ୍ତରଙ୍କ ଅବହେଳା ଯୋଗୁଁ ଜଣେ ନବଜାତ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାର ମାତୃ ଓ ଶିଶୁ ବିଭାଗ ନାଁରେ ଆସିଛି ଏଭଳି ଅଭିଯୋଗ। ଅଭିଯୋଗ ଅନୁଯାୟୀ, କୁତ୍ରା ବ୍ଲକ ବିରିଙ୍ଗାଟୋଲୀ ଗ୍ରାମର ଦିନେଶ ବାଗ ତାଙ୍କ ଗର୍ଭବତୀ ସ୍ତ୍ରୀ ସସ୍ମିତାଙ୍କୁ ଗତ୧୩ତାରିଖରେ ଜିଲା ମୁଖ୍ୟ ଡାକ୍ତରଖାନାର ମାତୃ ଓ ଶିଶୁ ବିଭାଗରେ ଭର୍ତ୍ତି କରିଥିଲେ। ସସ୍ମିତାଙ୍କ ବାପା ଦେବେନ୍ଦ୍ର ତାଜନଙ୍କ କହିବା ଅନୁଯାୟୀ, ୧୪ତାରିଖରେ ସସ୍ମିତାଙ୍କ ଅଲଟ୍ରା ସାଉଣ୍ଡ କରାଯିବା ପରେ ଶିଶୁ ସମ୍ପୂର୍ଣ୍ଣ ଠିକ୍ ଅଛି ବୋଲି ଡାକ୍ତର କହିଥିଲେ। ଦରକାର ପଡିଲେ ଅସ୍ତ୍ରୋପଚାର କରାଯିବ ବୋଲି କହିଥିଲେ। ଅନ୍ୟ ଜଣେ ମହିଳା ଡାକ୍ତର ସସ୍ମିତାଙ୍କୁ ଦେଖିବା ପରେ ବିନା ଅସ୍ତ୍ରୋପଚାରରେ ପ୍ରସବ ହୋଇପାରିବ ବୋଲି କହିଥିଲେ। ଶନିବାର ରାତିରେ ସସ୍ମିତାଙ୍କୁ ଅସହ୍ୟ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ପ୍ରସବ କକ୍ଷକୁ ନିଆଯାଇଥିଲା। ସେ ରାତି ସାରା ଯନ୍ତ୍ରଣା ଭୋଗିଥିଲେ। ରବିବାର ଭୋରରେ ତାଙ୍କର ଅସ୍ତ୍ରୋପଚାର କରା ଯାଇଥିଲା। ପରିବାରବର୍ଗଙ୍କୁ ମା' ଠିକ ଅଛି, କନ୍ୟା ସନ୍ତାନ ଅସୁସ୍ଥ ଅଛି, ଶୀଘ୍ର ଠିକ ହେବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ସେମାନେ ଘୋଷଣା କରିଥିଲେ। ଡାକ୍ତର ଯଦି ଆରମ୍ଭରୁ ଅସ୍ତ୍ରୋପଚାର କରି ପ୍ରସବ କରିଥାନ୍ତେ ତେବେ ଆଜି ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ସସ୍ମିତାଙ୍କ ବାପା କହିବା ସହ ଘଟଣାର ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଛନ୍ତି। ଅପରପକ୍ଷରେ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଧିକାରୀ ଡା.ସରୋଜ କୁମାର ମିଶ୍ରଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ସେ ରିସିଭ କରି ନ ଥିଲେ।



ମତ୍ସ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମହିଳାମାନେ ପୋଖରୀରେ ଜାଆଁଳ ଛାଡୁଛନ୍ତି।

## ମାଛଚାଷ କରି ସ୍ୱାବଲମ୍ବୀ ହେବେ ମହିଳା

ସବ୍‌ଡେଗା,୧୯।୭( ଅନନ୍ତ ପଟେଲ)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ସେମେଲବେଡା ଗ୍ରାମର ଶିଖା ମିଶନ ଶକ୍ତି ଗ୍ରୁପର ଏସ୍‌ଏଚଜି ମହିଳାମାନେ ମତ୍ସ୍ୟ ଅଧିକାରୀ ଅଭିଷେକ ଟେଟେଙ୍କ ଉପସ୍ଥିତିରେ ସିଙ୍ଗିରାମୁଣ୍ଡା ପୋଖରୀରେ ୪୫ହଜାର ମାଛ ଯାଆଁଳ ଛାଡିଥିଲେ। ଏଥିରେ ଭାକୁର, ବିଲାତିରୋହି, ମିରକାଳି ଭଳି ମାଛ ସବୁ ରହିଛନ୍ତି। ଏନେଇ ଏସ୍‌ଏଚଜି ମହିଳାଙ୍କୁ ପଚାରିବାରୁ, ମାଛର ଚାହିଦା ସବୁବେଳେ ଥାଏ। ଏହା ଏକ ନିତିଦିନିଆ ବ୍ୟବସାୟ। ତେଣୁ ମାଛଚାଷ କରିବାକୁ ମନ ବଳାଇଲୁ ବୋଲି ସେମାନେ କହିଥିଲେ। ମାଛଙ୍କ ଖାଦ୍ୟ ଓ ଯତ୍ନ ବିଷୟରେ ମହିଳାମାନଙ୍କୁ ମତ୍ସ୍ୟ ଅଧିକାରୀ ଟେଟେ ତାଲିମ୍ ଦେଇଥିଲେ।

## ମହିଳାଙ୍କଠାରୁ ଚେନ୍ ଚୋରି ଅଭିଯୋଗରେ ୩ ଗିରଫ

ରାଉରକେଲା, ୧୯।୭(ସଙ୍ଗୀତା ଜେନା)

ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ଏସ୍‌ଟିଆଇ ଛକ ନିକଟରେ ରଥ ଦେଖିବାକୁ ଯାଉଥିବା ବେଳେ ଜୁନ ୨୦ ତାରିଖରେ ଜଣେ ମହିଳାଙ୍କ ବେକରୁ କେହି ଦୁର୍ବୃତ୍ତ ସୁନାଚେନ୍ ଛିନତାଇ କରି ଫେରାର ହୋଇଯାଇଥିଲା। ଏ ନେଇ ସମ୍ପୃକ୍ତ ମହିଳା ଥାନାରେ ଏତଲା ଦେଇଥିଲେ। ଏହାର ତଦନ୍ତ କରି ପୋଲିସ ବୁଧବାର ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଉଦିତନଗର ଅଞ୍ଚଳର ରାଜେଶ ସିଂ(୩୦), ନୂଆଗାଁ ଲାଠିକଟାର ଏମଡ଼ି କୌଶର(୨୨) ଓ ମାଲଗୋଦାମ ଅଞ୍ଚଳର ଅକ୍ଷୟ ବର୍ମା(୩୩)। ଏମାନଙ୍କଠାରୁ ଗୋଟିଏ ଅଟୋ ଓଡ଼ି-୧୪ଏଚ-୧୦୨୫, ପଲସର ବାଇକ ଓଡ଼ି-୦୯ଏଚ-୫୧୪୧ଳ ଓ ୧୦ ଗ୍ରାମ ୨ଟି ତରଳା ସୁନାଖଣ୍ଡ ଜବତ ହୋଇଛି। ସିଭିଲଟାଉନଶିପ ଅଞ୍ଚଳରେ ରହୁଥିବା ମମତା ରାଣୀ ଦାସ ଜୁନ ୨୦ ତାରିଖ ଏସଟିଆଇ ନିକଟରେ ରଥ ଦେଖିବାକୁ ଯାଇଥିଲେ। ବିଜୁଳି ଚାଲିଯାଇଥିବା ଯୋଗୁ କେହି ଦୁର୍ବୃତ୍ତ ମମତାଙ୍କ ବେକରୁ ୫ ଗ୍ରାମ ସୁନା ଚେନ୍ ନେଇ ଫେରାର ହୋଇଯାଇଥିଲେ।

## ଓପିଟିସିଏଲ୍‌ର ଗ୍ରୀଡ୍ ସବ୍‌ଷ୍ଟେଶନ ଉଦ୍‌ଘାଟିତ



ଓପିଟିସିଏଲ ଗ୍ରୀଡକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରାଯାଉଛି।

କୁଆଁରମୁଣ୍ଡା,୧୯।୭(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ଆଦିବାସୀ କଲୋନୀଠାରେ ନବ ନିର୍ମିତ ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃର ୨୨୦/୧୩୨/୩୩ କେଭି ଗ୍ରୀଡ ସବ୍‌ଷ୍ଟେସଶକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ଜରିଆରେ ବୁଧବାର ସନ୍ଧ୍ୟାରେ ଲୋକାର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ବୀରମିତ୍ରପୁର ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଗ୍ରୀଡ ଲୋକାର୍ପଣ ହେବା ଦ୍ୱାରା କୁଆଁରମୁଣ୍ଡା, ରାଏବୋଗା, ହାତୀବାରି, ନୂଆଗାଁ,ବୀରମିତ୍ରପୁର ପୌରାଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାଙ୍କ ସହ ସ୍ଥାନୀୟ କଳାକାରଖାନାକୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇପାରିବ ବୋଲି ମନ୍ତ୍ରୀ ନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ସୁନ୍ଦରଗଡ଼ ଜିଲାପାଳ ଡା.ପରାଗ ହର୍ଷଦ ଗାଭାଲି, ଜିଲାପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ଓପିଟିସିଏଲ୍ ଏଜିଏମ୍ ପ୍ରମୋଦ କୁମାର କୁଅଁର ଉପସ୍ଥିତ ଥିଲେ। ଓପିଟିସିଏଲ ମ୍ୟାନେଜର ମନସ୍ୱିନୀ ପ୍ରଧାନୀ,ଦିଲୀପ କୁମାର ମହାନ୍ତ, ସଙ୍ଗୀତା ସେଠୀ, ଉଷା ସାପୁଆର, ସମରେଶ ପାଲ, ସୁଶାନ୍ତ ପଣ୍ଡା, ଅଶୋକ କୁମାର ସାହୁ, ମନୋରଞ୍ଜନ ମାଝି, ପବିତ୍ର ବିଶ୍ୱାଳ, ଗଣେଶ୍ୱର ପୃଷ୍ଟି ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ।

## ଜାତୀୟ ରାଜପଥରୁ ଉଠିଲା ଲୁହା ଆଙ୍ଗଲ



ଜେସିବି ସାହାଯ୍ୟରେ ଲୁହା ଆଙ୍ଗଲ ଭଙ୍ଗା ଯାଉଛି।

ଲାଠିକଟା,୧୯।୭(ରାମେଶ୍ୱର ଖାଡଙ୍ଗା)

**ଧରିତ୍ରୀ ପ୍ରଭାବ**

ସାରନଗରୀ ନିକଟସ୍ଥ ଜଲଦା ମୁଖ୍ୟ ଛକରେ ଫ୍ଲାଏ ଓଭର ବ୍ରିଜ କାମ ବିଳମ୍ବ ଏବଂ ଲୁହା ଆଙ୍ଗଲ ଉଠିବା ନେଇ ମଙ୍ଗଳବାର ଧରିତ୍ରୀରେ ଖବର ପ୍ରକାଶିତ ପରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ସକାଳୁ ବିଭାଗ ପକ୍ଷରୁ ଜେସିବି ସାହାଯ୍ୟରେ ଜାତୀୟ ରାଜପଥ ଉପରୁ ଲୁହା ଆଙ୍ଗଲଗୁଡ଼ିକୁ ଉଠାଯାଇଛି। ଲୁହା ଏଙ୍ଗଲ ସବୁ ରାସ୍ତା ଉପରେ ପଡ଼ି ରହିଥିବା ଯୋଗୁ ଯାତାୟାତରେ ଅନେକ ବାଧା ସୃଷ୍ଟି ହେଉଥିଲା। ଏହାର ପ୍ରତିକାର କରିବାକୁ ଲୋକେ ଦୀର୍ଘଦିନରୁ ଦାବି କରିଆସୁଥିଲେ। ଏଥିସହ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କାମ ମଧ ଅଧାପନ୍ତରିଆ ହୋଇ ପଡ଼ିରହିଥିଲା।

# ଜିଲାସ୍ତରୀୟ ଗବେଷଣା-ସମ୍ପ୍ରସାରଣ ସମନ୍ୱୟ ବୈଠକ

ସୁନ୍ଦରଗଡ,୧୯।୭(ଜୟ ନାରାୟଣ ମେଣ୍ଡୁଲି)



କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ତାଲିମ କକ୍ଷରେ ଜିଲା ସ୍ତରୀୟ ଗବେଷଣା- ସମ୍ପ୍ରସାରଣ ସମନ୍ୱୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲା କୃଷି ଅଧିକାରୀ ହରିହର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଚଳିତ ଖରିଫ ଋତୁର କାର୍ଯ୍ୟଖସଡା ଉପସ୍ଥାପନ କରିଥିଲେ। ଉପସ୍ଥିତ ମୁଖ୍ୟ ଜିଲା କୃଷି ଅଧିକାରୀ ହରିହର ନାୟକ, ଉପ-ଉଦ୍ୟାନ କୃଷି ନିର୍ଦ୍ଦେଶକ ମାନସିଂ ସୋରେନ, ଜିଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡ. ବସନ୍ତ କୁମାର ଧଳ, ନାବାର୍ଡର ଜିଲା ଉନ୍ନୟନ ପ୍ରବନ୍ଧକ ତାପସ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ (ଜଳଛାୟା) ଅରୁଣ ଆଚାର୍ଯ୍ୟ, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ ବିଶ୍ୱାସ, ସୁନ୍ଦରଗଡ଼ ଡେପୁଟି ରେଜିଷ୍ଟ୍ରାର, କୋ-ଅପରେଟିଭ୍ ସୋସାଇଟିଜ୍ ଉମାଶଙ୍କର ଦାଶ, ରାଉରକେଲାର ବୈଜ୍ଞାନକ ସମରେନ୍ଦ୍ର ବରାଳ, ବନ ବିଭାଗର ବିଷୟ ବସ୍ତୁ ବିଶେଷଜ୍ଞ ସୁକାନ୍ତ କୁମାର ପାଣି, ବିଭିନ୍ନ କୃଷକ ଉତ୍ପାଦକ ସଂଗଠନର ସଦସ୍ୟ, ସେବକ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଗଣ ପୂର୍ବ ବୈଠକର କାର୍ଯ୍ୟକାରୀତା, ବର୍ତ୍ତମାନର ପାଣିପାଗ ଓ ସମ୍ଭାବ୍ୟ ସ୍ଥିତି, ପ୍ରତିକୂଳ ପରିସ୍ଥିତି ପାଇଁ କୃଷି ଉପଦେଶ, ଜିଲାରେ ଖରିଫ ଚାଷର ଅଗ୍ରଗତି ଓ ସମସ୍ୟା, କୃଷି ସାମଗ୍ରୀର ଉପଲବ୍ଧତା ଓ ଚାଷୀଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ଉପରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ଉପସ୍ଥିତ କୃଷି ଉଦ୍ୟୋଗୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିଥିଲେ। ଆଭାସି ମାଧ୍ୟମରେ ଓୟୁଏଟି ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ କୁମାର ମହାନ୍ତି ଉପସ୍ଥିତ ରହି ତାଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ୯୫ତମ ପ୍ରତିଷ୍ଠା ଦିବସ ପାଳନର ତୃତୀୟ ଦିବସ ଅବସରରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଦିବ୍ୟେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡୁ, ଅରୁଣ କୁମାର ମିଶ୍ର, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, ସହକାରୀ ଜିବୀକା ପ୍ରବନ୍ଧକ ରିଶିକେଶ ସାହୁ, କ୍ଷୀପ୍ରଲେଖକ କମଳ ଲୋଚନ ମହାନ୍ତ, ଭ୍ରମରବର ସା, ଜିତେନ୍ଦ୍ର କୁମାର ସେଠୀ, ଗଜାନନ ଛନ୍ଦ ସହାୟତା କରିଥିଲେ। ଶେଷରେ କେନ୍ଦ୍ରର ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ ଧନ୍ୟବାଦ ଦେଇଥିଲେ।

## ଗ୍ରାମୋତ୍ଥାନ ସଂସାଧନ କେନ୍ଦ୍ର ପକ୍ଷରୁ ଫଳ ଚାରା ବଣ୍ଟନ

ବଡ଼ଗାଁ,୧୯।୭(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ଗ୍ରାମସ୍ଥିତ ଗ୍ରାମୋତ୍ଥାନ ସଂସାଧନ କେନ୍ଦ୍ର ପକ୍ଷରୁ ଅଞ୍ଚଳର ୧୨୭ କୃଷକଙ୍କୁ ମଙ୍ଗଳବାର ଫଳ ଚାରା ବଣ୍ଟନ କରାଯାଇଛି। ଗ୍ରାମୋତ୍ଥାନ ଫାଉଣ୍ଡେଶନ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ରାଉରକେଲା ଗୋଏଲ ଫାଉଣ୍ଡେଶନ ଏବଂ ରୋଟାରୀ କ୍ଲବ କୁଇନର ମିଳିତ ସହଯୋଗରେ ଗ୍ରାମୋତ୍ଥାନ ସଂସାଧନ କେନ୍ଦ୍ର ଜରଙ୍ଗଲୋଇ ପରିସରରେ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦ ଗ୍ରାମର ୧୨୭ ଚାଷୀ ଭାଇ ଭଉଣୀଙ୍କୁ ଆମ୍ବ, ପିଜୁଳି, ଲେମ୍ବୁ, ପଣସ, ସଜନା ଚାରା ବଣ୍ଟନ କରାଯାଇଥିଲା। ଗୋଏଲ ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଦର୍ଶନ ଗୋଏଲ, ରୋଟାରୀ କ୍ଲବ କୁଇନର ମୁଖ୍ୟ କିରଣ ଆରୋରା, ଅଭୟା ମହନ୍ତ, ସୁମନ ଜିନ୍ଦଲଙ୍କ ଉପସ୍ଥିତିରେ ଚାରା ବଣ୍ଟନ କରାଯାଇଥିଲା। ଏକଲ ଗ୍ରାମୋତ୍ଥାନ ଫାଉଣ୍ଡେଶନ ପୂର୍ବ ଅଞ୍ଚଳର ଦାୟିତ୍ୱରେ ଥିବା ଅଶୋକ କୁମାର ଗାନ୍ଧୀ, ପରିଚାଳନା କମିଟି କୋଷାଧକ୍ଷ ଚିନ୍ମୟ ପାଣିଗ୍ରାହୀ, ଜିଲା କୃଷି ଅଧିକାରୀ ଉଦିତ କୁମାର୍ ନାୟକ ଏବଂ ସ୍ଥାନୀୟ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଚାଷୀଙ୍କୁ ଚାରା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ପାଇଁ କେନ୍ଦ୍ରୀୟ ସହ ଯୋଜନା ମୁଖ୍ୟ ଅର୍ଜୁନ ଶର୍ମା, କୃତାର୍ଥ ପ୍ରଧାନ, ବାସୁଦେବ ତନ୍ତୀ, ଲକ୍ଷ୍ମୀ ନାରାୟଣ ଜୟପୁରିଆ, କୈଳାଶ ବେହେରା ଉପସ୍ଥିତ ଥିଲେ।

## ବିପଦରେ ଗୋମାତା

ଲାଠିକଟା,୧୯।୭(ରାମେଶ୍ୱର ଖାଡଙ୍ଗା)

ଲାଠିକଟାଠାରୁ ଆରମ୍ଭ କରି ବାଲୁଘାଟ ମଧ୍ୟରେ ପ୍ରତ୍ୟେକ ଦିନ ଗାଇଗୋରୁଙ୍କ ଦୁର୍ଘଟଣା ଦେଖିବାକୁ ମିଳୁଛି। ଯେଉଁମାନେ ଗାଈ ରଖୁଛନ୍ତି ସେମାନେ ଏନ୍‌ଏଚ ଆଖପାଖ ଅଞ୍ଚଳର। ତେଣୁ ସେମାନଙ୍କୁ ଖୋଲିଲା ମାତ୍ରକେ ଖାଦ୍ୟ ଅନ୍ୱେଷଣରେ ଜାତୀୟ ରାଜପଥକୁ ଚାଲି ଆସୁଛନ୍ତି,ଯାହାଫଳରେ ଦୁର୍ଘଟଣା ଘଟୁଛି। ଏହି ଅଘଟଣ ବାରମ୍ବାର ଘଟୁଥିବା ଯୋଗୁ ଜନ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ରାତିରେ ଏକାସାଙ୍ଗେ ୪ଟି ଗାଈଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ବିଜେଡିର ସମସ୍ତ କର୍ମକର୍ତ୍ତା ଓ ସଭାପତି ରାଣା ପ୍ରତାପ ସିଂ ପହଞ୍ଚି ମୃତ ଗାଈଗୁଡ଼ିକୁ ରାସ୍ତା ଉପରୁ ଉଠାଇଥିଲେ। ଆଗକୁ ଯେପରି ଏଭଳି ଅଘଟଣ ନ ଘଟେ ସେଥିପାଇଁ ଜଲଦା ଅଞ୍ଚଳର ସମସ୍ତ ଜନସାଧାରଣ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏଥିସହ ଗୋରୁ ମାଲିକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ରାସ୍ତା ଉପରେ ମରି ପଡ଼ିଥିବା ଗାଈ।

# ବିଦ୍ୟୁତ୍ ନାହିଁ, ଆସୁଛି ବିଲ୍

ଟେନ୍‌ସା,୧୯।୭(ସମୀର କୁମାର ପାଢ଼ୀ)

ବିଦ୍ୟୁତ୍ ନାହିଁ। କିନ୍ତୁ ଆସୁଛି ୭୦ରୁ ୮୦ ହଜାର ଟଙ୍କାର ବିଲ୍। ବିଦ୍ୟୁତ୍ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ହଇରାଣ ହେଉଛନ୍ତି ୧୦୦ରୁ ଊର୍ଦ୍ଧ୍ୱ ପରିବାର। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କାଲଟା ପଞ୍ଚାୟତ ତୋଡା ଗ୍ରାମରେ। ତୋଡା ଗାଁକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ଦିନେ ଜଳିଲେ ୪ଦିନ ନାହିଁ। ଏମିତିକି ଘରକୁ ତାର ସଂଯୋଗ ହୋଇଛି ହଲେ ବଲ୍ ଜଳୁନାହିଁ । ଗତ ୨ ଦିନ ହେବ ତୋଡା ଗ୍ରାମବାସୀ କୋଇଡା ବିଦ୍ୟୁତ୍ କାର୍ଯ୍ୟାଳୟରେ ବିକ୍ଷୋଭ କରିଥିଲେ ମଧ କନିଷ୍ଠ ଯନ୍ତ୍ରୀ ନଥିବାରୁ କୌଣସି ସମସ୍ୟାର ସମାଧାନ ହୋଇ ପାରିନାହିଁ। ବିକ୍ଷୋଭ ଦେଖି ବିଦ୍ୟୁତ୍ କାର୍ଯ୍ୟାଳୟ ଅଫିସର ତଳିଆ କର୍ମଚାରୀ ଛତ୍ର ଭଙ୍ଗ ଦେଇଥିଲେ। ତୋଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଅନଲାଇନ୍ ମାଧ୍ୟମରେ ପଇସା ଦେଖିଲେ ୫୦ଟଙ୍କା ଦେଖାଉଛି। ହେଲେ ବିଲ୍‌ରେ ଆସୁଛି ହଜାର ହଜାର ଟଙ୍କା। ଆଗାମୀ ଦିନରେ ଏହାର କୌଣସି ସମାଧାନ ନ ହେଲେ ଅଫିସ ଘେରାଉ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ବିଦ୍ୟୁତ୍ ବିଭାଗର ଖାମଖିଆଲି ମନୋଭାବ ଯୋଗୁ କୋଇଡାର ଅନେକ ଅଞ୍ଚଳରେ ବିଜୁଳି ଆଲୁଅ ସାତ ସପନ ହୋଇ ରହିଯାଇଛି। ଆଜି ବି ଅନ୍ଧାରରେ ଲୋକେ ଡିବିରି ଆଲୁଅ ଜାଳୁ ଥିବାର ଦେଖିବାକୁ ମିଳୁଛି।



ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଗ୍ରାମବାସୀ।

## ସଂକ୍ଷେପରେ

### ଭତ୍ତା ପାଇଁ ଯାଉଥିବା ବୃଦ୍ଧାଙ୍କ ବାଇକ୍ ଧକ୍କାରେ ମୃତ୍ୟୁ

**କୁଚିଣ୍ଡା,୧୯।୭(ବିରଞ୍ଚି ଦର୍କା):** ମହୁଲପାଲି ଥାନା କୁସୁମୀ ଫାଣ୍ଡି ବଡବାହାଲ ଗ୍ରାମର ଗୌରୀ ପୋଢ(୭୨)ଙ୍କ ବାଇକ୍ ଧକ୍କାରେ ବୁଧବାର ମୃତ୍ୟୁ ହୋଇଛି। ଗୌରୀ ବାର୍ଦ୍ଧକ୍ୟ ଭତ୍ତା ପାଇଁ ସାଲେଭାଡି ପଞ୍ଚାୟତ ଅଫିସକୁ ଚାଲି ଚାଲି ଯାଉଥିଲେ। ବଡବାହାଲ ଗ୍ରାମର ଶ୍ୟାମ ମୁଣ୍ଡା ମଧ ବାଇକ୍‌ରେ ତାଙ୍କ ମା' ଦେଇମତି ମୁଣ୍ଡା(୭୦)ଙ୍କୁ ଧରି ଭତ୍ତା ଆଣିବାକୁ ଯାଉଥିଲେ। ସାଲେଭାଡି ଛକରେ ଗୌରୀଙ୍କୁ ପଛପଟୁ ଶ୍ୟାମଙ୍କ ବାଇକ୍ ଧକ୍କା ଦେଇଥିଲା। ଫଳରେ ଗୌରୀ ତଳେ ପଡି ସଂଜ୍ଞାହୀନ ହୋଇଯାଇଥିବାବେଳେ ବାଇକ୍‌ରୁ ଖସିପଡି ଶ୍ୟାମଙ୍କ ମା' ମଧ ଗୁରୁତର ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ନିମନ୍ତେ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ଗୌରୀଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କୁଚିଣ୍ଡା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ମରଣାନ୍ତକ ଆକ୍ରମଣ: ଜଣଙ୍କୁ କୋର୍ଟ ଚାଲାଣ



**ଜମନକିରା,୧୯।୭ (ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ଥାନା ରାଧାକୃଷ୍ଣପଡ଼ାର ବିରେନ୍ଦ୍ର ନାଥ କାରୱାର (୮୨)ଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ସେହି ପଡ଼ାର ରାଜେଶ ଭଇଁସା (୪୫)ଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ରାଜେଶ କୌଣସି କାରଣରୁ ବିରେନ୍ଦ୍ରଙ୍କୁ ଏକ କୁରାଢ଼ିରେ ଆକ୍ରମଣ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପଡୋଶୀ ଅନାଦି ସାହୁ ତାଙ୍କୁ ଅଟକାଇଥିଲେ। ଆକ୍ରମଣ ଯୋଗୁ ରକ୍ତସ୍ରାବ ହେଉଥିବାରୁ ପରିବାର ଲୋକେ ତାଙ୍କୁ ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବୁଧବାର ବୀରେନ୍ଦ୍ରଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଆଇପିସି ଦଫା ୩୪୨, ୩୨୩, ୨୯୪, ୩୦୭ରେ ମାମଲା (ନଂ.୭୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ପାଖରୁ ଏକ କୁରାଢ଼ି ଜବତ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ

**ରେଙ୍ଗାଲି,୧୯।୭ (ଦେବବ୍ରତ ପଣ୍ଡା):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବାବୁଚକୁଲି ଗ୍ରାମର ଦିବ୍ୟାଙ୍ଗ ଝିଅ ବର୍ଷା ଖଡିଆଙ୍କୁ ରେଙ୍ଗାଲି ଜୋନ ୧ ଜିଲା ପରିଷଦ ସଭ୍ୟା ଚୋଲଶ୍ରୀ ମହାନନ୍ଦଙ୍କ ଉପସ୍ଥିତିରେ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ହ୍ୱିଲ ଚେୟାର ପାଇଁ ବର୍ଷାଙ୍କ ମାତାପିତା ଜଣାଇବା ପରେ ଜିଲାପରିଷଦ ସଭ୍ୟା ବ୍ଲକ ପ୍ରଶାସନ ସହ ଆଲୋଚନା କରି ସରକାରୀ ଅନୁଦାନରୁ ଏହି ବ୍ୟବସ୍ଥା କରିଥିଲେ। ହ୍ୱିଲ ଚେୟାର ପ୍ରଦାନ ସମୟରେ ରେଙ୍ଗାଲି ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତି, ଅଲେଖ ମହାନନ୍ଦ, ଅମର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଧାରଣା ।

# ଆର୍‌ଡିସି ଅଫିସ ଘେରିଲେ ଆଉଟ୍‌ସୋର୍ସିଂ କର୍ମଚାରୀ

**ପର୍ଯ୍ୟାୟକ୍ରମେ ଆନ୍ଦୋଳନର ଚେତାବନୀ**

ସମ୍ବଲପୁର,୧୯।୭ (ଶୁଭାଶିଷ ପାଢୀ)

ବର୍ଷ ବର୍ଷ ଧରି କାମ କରିବା ପରେ ମଧ ନିୟମିତ କରାଯାଉ ନାହିଁ। ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କଠାରୁ ଆରମ୍ଭ କରି ଉନ୍ନୟନ କମିଶନରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଭେଟି ଦାବି ଜଣାଇଥିଲୁ। ପ୍ରତିଶ୍ରୁତି ମିଳିଥିଲେ ବି ତାହା କାର୍ଯ୍ୟକାରୀ କରାଯାଉ ନାହିଁ। ସରକାର ଦାବି ପୂରଣ ନ କଲେ ଶେଷରେ ଜୁଲାଇ ୩୧ରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବୁ। ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବୁଧବାର ସମ୍ବଲପୁର ଆର୍‌ଡିସି ଅଫିସ ଘେରାଉ କରି ୧୧ ଜିଲାର ଆଉଟ୍ ସୋର୍ସିଂ କର୍ମଚାରୀ ଏହା କହିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କ ସଚିବ ସୁକାନ୍ତ ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଆହୁରି କହିଥିଲେ, ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଦରମା ବୃଦ୍ଧି ନେଇ ଦୀର୍ଘ ୩ବର୍ଷ ଧରି ଆନ୍ଦୋଳନ ହୋଇଆସୁଛି। ସରକାର ପଦକ୍ଷେପ ନେଉ ନ ଥିବାରୁ ଆନ୍ଦୋଳନ କରିବାକୁ ବାଧ ହେଉଛୁ। ଗଙ୍ଗାଧର ମେହେର କଲେଜ ଛକରୁ କର୍ମଚାରୀମାନେ ଏକ ବିଶାଳ ରାଲିରେ ବାହାରି ଆର୍‌ଡିସି ଅଫିସ ପର୍ଯ୍ୟନ୍ତ ଯାଇଥିଲେ। ଜିଲା ସଭାପତି ପ୍ରେମାନନ୍ଦ ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ରାଜ୍ୟ ସାଧାରଣ ସମ୍ପାଦକ ମାନସ ଦାସ, ସମ୍ପାଦକ ବାମଦେବ ସାହୁ, ହେମନ୍ତ ବସ୍ତିଆ, ଦିପକ ପାଣି ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ ଜିଲା ସଭାପତି ରାକେଶ ଶତପଥି, ବଲାଙ୍ଗୀରର ରାଜେଶ ଝାଙ୍କର, ସୋନପୁରର ନରହରି ମହାପାତ୍ର, ବୌଦ୍ଧର ସଞ୍ଜିତ କୁମାର ଜେନା, ଦେବଗଡର ମନୋରଞ୍ଜନ ଟାଲି, ସୁନ୍ଦରଗଡର ଶୁଭ୍ରାଂଶୁ ପଣ୍ଡା, ଅନୁଗୋଳର ଅଖିଳ କୁମାର ସାହୁ, ଝାରସୁଗୁଡାର ଶ୍ରୀବାସ ପଣ୍ଡା, ଢେଙ୍କାନାଳର ସମ୍ବିତ ଦାସ, ନୂଆପଡାର କରୁଣାକର ମହାନ୍ତି ଓ କେନ୍ଦୁଝର ଜିଲାର ସଭାପତି ଅଭିମନ୍ୟୁ ପାତ୍ର ଉପସ୍ଥିତ ଥିଲେ।

# କୁଚିଣ୍ଡାରେ ବ୍ଲକସ୍ତରୀୟ ସାମାଜିକ ଜନଶୁଣାଣି

କୁଚିଣ୍ଡା,୧୯।୭(ବିରଞ୍ଚି ଦର୍କା)

କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନାରେ ଚାଲିଥିବା ଉନ୍ନୟନ କାମର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆମ୍ବୁଷ ପର୍ସନ ବ୍ରଜକିଶୋର ପଣ୍ଡା ନୋଡାଲ ଅଧିକାରୀ ଭାବେ ଯୋଗଦେଇ ଏହି ଯୋଜନାରେ ହେଉଥିବା କାମକୁ ସ୍ୱଚ୍ଛତାର ସହ ସମ୍ପାଦନ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜନଶୁଣାଣିରେ ୧ ଅକ୍ଟୋବର ୨୦୨୨ରୁ ୩୧ ମାର୍ଚ୍ଚ ୨୦୨୩ ମଧ୍ୟରେ ହୋଇଥିବା ଉନ୍ନୟନ କାମର ସମୀକ୍ଷା କରାଯାଇଥିଲା। କୁଚିଣ୍ଡା ବ୍ଲକର ୧୭ ଗୋଟି ପଞ୍ଚାୟତରେ ମୋଟ ୧୪ ହଜାର ୩୭ଟି ଜବକାର୍ଡ ରହିଥିବା ବେଳେ ତନ୍ମଧ୍ୟରୁ ୬ ହଜାର ୩୫୭ଟି କାର୍ଡ କାର୍ଯ୍ୟକାରୀ ହୋଇଛି। ସେହିପରି ମୋଟ ୬ ଲକ୍ଷ ୧୩ ହଜାର ୯୫୬ କର୍ମ ଦିବସ ସୃଷ୍ଟି ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଥିବା ବେଳେ, ୩ ଲକ୍ଷ ୪୬ ହଜାର ୩୨୭ କର୍ମ ଦିବସ ସୃଷ୍ଟି ହୋଇଛି। ଏହି ସମୟ ସୀମା ମଧ୍ୟରେ ୪୮୨ ଜଣ ଶ୍ରମିକ ୧୦୦ ଦିନର କର୍ମ ଦିବସ ପୂରଣ କରିଥିବା ସମୀକ୍ଷାରୁ ଜଣାପଡିଥିଲା। ଭିଆର୍‌ପିମାନେ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମର ତଦାରଖ କରି ପ୍ରଦତ୍ତ ଅଡିଟ ରିପୋର୍ଟ ସମ୍ପର୍କରେ ଜିଲା ସାମାଜିକ ଅଡିଟ ଅଧିକାରୀ ଆର୍ତ୍ତତ୍ରାଣ ଶତପଥି ଆଲୋଚନା କରିଥିଲେ। ଏହି ଅଡିଟ ରିପୋର୍ଟରେ କାମରେ ବହୁ ଅନିୟମିତତା ହୋଇଥିବା ଦୃଷ୍ଟିକୁ ଆସିଥିଲା ଓ ସମ୍ପୃକ୍ତ ପଞ୍ଚାୟତ ପିଇଓ ଏବଂ ଜିଆର୍‌ଏସ୍‌ମାନେ ଏହାର ସ୍ପଷ୍ଟୀକରଣ ଦେଇଥିଲେ। ସେହିପରି ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନାରେ ଚାଲିଥିବା ଉନ୍ନୟନ କାମରେ ମଧ ବହୁ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ବିଭିନ୍ନ ଉନ୍ନୟନ କାମରେ ବେଆଇନ ଭାବେ ସିକ୍ୟୁରିଟି ଡିପୋଜିଟ କଟା ଯାଉଥିବାରୁ ଏହାକୁ ତୁରନ୍ତ ରିଲିଜ କରିବା ପାଇଁ ଜିଲା ଅଡିଟ ଅଧିକାରୀ ଶତପଥି ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣିରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଷାନ, ବିଡ଼ିଓ ନିରଞ୍ଜନ ସା,ଏବିଡ଼ିଓ ସହଦେବ ନନ୍ଦ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞା ପାରମିତା ନାୟକଙ୍କ ସମେତ ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ପଞ୍ଚାୟତ ପିଇଓ, ଜିଆର୍‌ଏସ୍, ସମସ୍ତ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ମାନବୀୟ ମୂଲ୍ୟବୋଧର ବିକାଶ ଶିକ୍ଷାର ମୂଳ ଲକ୍ଷ୍ୟ



ବିରାଟ ସମ୍ମାନ ସମାରୋହରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୧୯।୭(ବି.ଶଙ୍କର)

**ବିରାଟ ସମ୍ମାନ ସମାରୋହ**

ମାନବୀୟ ମୂଲ୍ୟବୋଧର ବିକାଶ ଶିକ୍ଷାର ମୂଳ ଲକ୍ଷ୍ୟ ହେବା ଉଚିତ। ଏହାଦ୍ୱାରା ଛାତ୍ରୀଛାତ୍ର ଭବିଷ୍ୟତରେ ସଫଳତା ହାସଲ କରିପାରିବେ। ନିଜ କର୍ତ୍ତବ୍ୟ ସମ୍ପାଦନା ସହ ଜନସାଧାରଣଙ୍କ ସମସ୍ୟା ବୁଝିପାରିବେ। ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ବିରାଟ ଶିକ୍ଷାନୁଷ୍ଠାନ ଆୟୋଜିତ ବିରାଟ ସମ୍ମାନ ସମାରୋହରେ ଅତିଥିମାନେ ଏହା କହିଛନ୍ତି। ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ରାହୁଲ ରାଜଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରଙ୍କୁ ସର୍ବଦା ଚାପମୁକ୍ତ ରଖିବା ଜରୁରୀ। ସେମାନେ ନିଜ ଇଚ୍ଛା ଓ ଆଗ୍ରହ ଅନୁସାରେ ପାଠପଢ଼ିଲେ ସଫଳତା ହାସଲ କରି ଶୀର୍ଷକୁ ଛୁଇଁପାରିବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଏମ୍ ସମ୍ବଲପୁରର ସହକାରୀ ପ୍ରଫେସର ଡ. ସୁଜିତ ପୃଷ୍ଟେଠ, ନିଉଟନ ଯୁକ୍ତଦୁଇ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ତେଜରାଜ ପାତ୍ର, ମଦନାବତୀ ବିଦ୍ୟାଳୟର ନିର୍ଦ୍ଦେଶକ ଆଶିଷ ଲାଠ ଓ ଅଧକ୍ଷା ଭାବନା ଲାଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଥିଲେ। ଅନୁଷ୍ଠାନର ଏକାଡେମୀ ମୁଖ୍ୟ ରଞ୍ଜନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ମୟଙ୍କ କାଶ୍ୟପ ଧନ୍ୟବାଦ ଅର୍ପଣ କରିଥିଲେ। ଇଞ୍ଜିନିୟରିଂ ଓ ମେଡିକାଲରେ ସଫଳତା ହାସଲ କରିଥିବା ୩୭ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ।

### ବ୍ଲକ ସ୍ତରୀୟ ସାମାଜିକ ସୁରକ୍ଷା ଜନଶୁଣାଣି

ଦେବଗଡ଼,୧୯।୭(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାମାଜିକ ସୁରକ୍ଷା ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜନଶୁଣାଣୀରେ ବିଡିଓ ବିଜୟ ସୋଏ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଣୀ ପଣ୍ଡା, ଜିପିଇଓ କସ୍ମସ୍ ତିର୍କୀ, ଜିଲା ସାମାଜିକ ସମୀକ୍ଷକ ସତ୍ୟଜିତ ପୃଷ୍ଟି, ଏପିଓ ସଞ୍ଜୁକ୍ତା ଏକ୍କା ଓ ବ୍ଲକ ସାମାଜିକ ସମୀକ୍ଷକ ଲବଣୀକାନ୍ତ ବେହେରା ଉପସ୍ଥିତ ରହି ( ୨୦୨୨ଅକ୍ଟୋବର ୧ ତାରିଖରୁ ୨୦୨୩ ମସିହା ମାର୍ଚ୍ଚ୩୧ ପର୍ଯ୍ୟନ୍ତ) ଓ ପଞ୍ଚଦଶ ଅର୍ଥ ଆୟୋଗ( ୨୦୧୯ରୁ ୨୦୨୩ ଆର୍ଥୀକ ବର୍ଷ ପର୍ଯ୍ୟନ୍ତ)ର ସାମାଜିକ ସମୀକ୍ଷା ଓ ଜଣ ଶୁଣାଣି କରିଥିଲେ। ଏହି ଅବସରରେ ଏମ୍‌ଜିଏନଆର୍‌ଆଇଜିଏସ୍ ମୋଟ ୧୦୬ ଟି ଓ ପଞ୍ଚଦଶ ଅର୍ଥ ଆୟୋଗର ୧୩ ଟି ଆବେଦନର ଜଣ ଶୁଣାଣୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାରକୋଟ ବ୍ଲକର ସମସ୍ତ ୨୪ ପଞ୍ଚାୟତର ସରପଞ୍ଚ, ନିର୍ବାହୀ ଅଧିକାରୀ, ଜିଆର୍‌ଏସ, ଗ୍ରାମସାଥୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ଟ୍ୟାଙ୍କର ଓଲଟିଲା: ପାଣିରୁ ତେଲ ଛାଣିଲେ ଲୋକେ



ପାଣିରୁ ତେଲ ଛାଣୁଛନ୍ତି ଲୋକେ।

ସମ୍ବଲପୁର,୧୯।୭ (ଶୁଭାଶିଷ ପାଢୀ)

ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥ ଭିମଖୋଜ ପୋଲ ନିକଟରେ ଟ୍ୟାଙ୍କର ଓଲଟିପଡିବା ପରେ ଏକ ନାଳରେ ମିଶିଯାଇଥିବା ଡିଜେଲକୁ ଲୋକମାନେ ସଂଗ୍ରହ କରିବା ଦୃଶ୍ୟ କୌତୁହଳ ସୃଷ୍ଟି କରିଥିଲା। ମିଳିଥିବା ସୂଚନା ମୁତାବକ ମଙ୍ଗଳବାର ରାତିରେ ସମ୍ବଲପୁର ପଟରୁ ରେଢାଖୋଲ ଯାଉଥିବା ଟ୍ୟାଙ୍କର ପ୍ରବଳ ବର୍ଷା ଯୋଗୁ ଭାରାସାମ୍ୟ ହରାଇ ରାସ୍ତାପାର୍ଶ୍ୱ ୫ଫୁଟ ତଳେ ଥିବା ଏକ ଗାଡିଆକୁ ଖସି ପଡିଥିଲା । ଏହି ସମୟରେ ଟ୍ୟାଙ୍କରରୁ ତେଲ ଲିକ୍ ହୋଇ ଗାଡିଆ ପାଣିରେ ମିଶିଥିଲା। ଏହା ଜାଣିବା ପରେ କେତେଜଣ ଲୋକ ପହଞ୍ଚି ତେଲ ସଂଗ୍ରହରେ ଲାଗିପଡିଥିଲେ। ବୁଧବାର ସକାଳେ ମଧ ତେଲ ପାଇଁ ଲୋକଙ୍କ ଭିଡ ଲାଗି ରହିଥିଲା। ଏ ସମ୍ପର୍କରେ ଯୁଯୁମୁରା ଥାନା ଭାରପ୍ରାପ୍ତ ଅଧିକାରୀ ଏସ୍. ଗଡନାୟକ କହିଛନ୍ତି, ବର୍ଷା ଯୋଗୁ ତେଲ ଟ୍ୟାଙ୍କର ରାସ୍ତା କଡକୁ ଖସି ଯାଇଥିଲା। ଉଦ୍ଧାର ପରେ ଟ୍ୟାଙ୍କର ଖାଲି କରିବାକୁ ଚାଲି ଯାଇଥିଲା। ଏ ନେଇ କେହି ଅଭିଯୋଗ କରି ନ ଥିବା ବେଳେ ଆହତ ମଧ ହୋଇ ନାହାନ୍ତି ବୋଲି କହିଥିଲେ।

# ଜିଲା ପରିଷଦ ସଦସ୍ୟାଙ୍କୁ ସ୍ମାରକପତ୍ର ପ୍ରଦାନ

**ଦେବଗଡ଼,୧୯।୭(ଶଶାଙ୍କ ଶେଖର ଝାଙ୍କର):** ଅନୁନ୍ନତ ତଥା ଆଦିବାସୀ ବହୁଳ ତିଲେଇବଣି ବ୍ଲକ ତାଳକୁଣ୍ଡି ଗ୍ରାମ ପଞ୍ଚାୟତ କର୍ଡାପାଳ ଗ୍ରାମରେ ଥିବା ପୋଖରୀରୁ ହକି ପଡିଆ ରାସ୍ତାର ଉନ୍ନତିକରଣ ତଥା କଂକ୍ରିଟ ରାସ୍ତା ନିର୍ମାଣ ପାଇଁ କର୍ଡାପାଳ ଗ୍ରାମବାସୀ ଦାବି ଜଣାଇଛନ୍ତି। ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲଙ୍କ କର୍ଡାପାଳ ଗସ୍ତ ଅବସରରେ ଗ୍ରାମର ବହୁ ମହିଳା ତାଙ୍କୁ ସାକ୍ଷାତ କରି ଉପରୋକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଜିଲା ପରିଷଦ ଅନୁଦାନରୁ ଉକ୍ତ ରାସ୍ତାର ଉନ୍ନତିକରଣ ତଥା କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଦାବି ଜଣାଇବା ସହ ଉକ୍ତ ରାସ୍ତାର ଉନ୍ନତିକରଣ କରାଗଲେ ଗ୍ରାମବାସୀ, ହକି ଖେଳାଳୀ ଓ ସ୍କୁଲ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ୩ ମାସ ମଧ୍ୟରେ ଉକ୍ତ ଗ୍ରାମବାସୀଙ୍କ ଦାବି ପୂରଣ କରାଯିବ ବୋଲି ଜିଲା ପରିଷଦ ସଦସ୍ୟା ସାମଲ ପ୍ରତିଶ୍ରୁତି ଦେଇଥିଲେ।

# ୫-ଟି ସଚିବଙ୍କୁ ଅଭିଯୋଗ ପରେ ମିଳିଲା ସହାୟତା

ସମ୍ବଲପୁର,୧୯।୭ (ଶୁଭାଶିଷ ପାଢୀ)

ଗତ ୧୫ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ସମ୍ବଲପୁର ଗସ୍ତରେ ଆସିଥିବାବେଳେ ତବଲା ଗ୍ରାମର କଳ୍ପନା ଧରୁଆ ତାଙ୍କ ସ୍ୱାମୀ ଦୀକ୍ଷିତ ଧରୁଆଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିବାକୁ ସଚିବଙ୍କୁ ଚିଠି କରି ଅନୁରୋଧ କରିଥିଲେ। ୪ଦିନ ପରେ ବୁଧବାର ଚିକିତ୍ସା ନିମନ୍ତେ ତାଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। ଜିଲାପାଳ ଅନନ୍ୟା ଦାସଙ୍କ ନିର୍ଦ୍ଦେଶ କ୍ରମେ ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା ହିତାଧିକାରୀଙ୍କ ଗ୍ରାମକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଏହି ସମୟରେ ମାନେଶ୍ୱର ବିଡ଼ିଓ ସ୍ମରଣିକା ଡୁଙ୍ଗ ଓ ପିଆର୍‌ଆଇ ସଦସ୍ୟମାନେ ଉପସ୍ଥିତ ଥିଲେ ।



କଳ୍ପନାଙ୍କୁ ଆର୍ଥିକ ସହାୟତା ଦିଆଯାଉଛି।

# ବଡ଼ମାଳ-ଲାଣ୍ଡିମାଳ ରାସ୍ତା ଶୋଚନୀୟ

ନାକଟିଦେଉଳ,୧୯।୭(ବୈକୁଣ୍ଠନାଥ ସାହୁ)



ବିପଦପୂର୍ଣ୍ଣ ଭାବେ ନଦୀ ପାର ହେଉଛନ୍ତି ଲୋକେ।

**ଯାତାୟାତରେ ବାଧକ ଚମ୍ପାଳି ନଦୀ**

**୫-ଟି ସଚିବଙ୍କୁ ଦାବିପତ୍ର**

ଗୋଟିଏପଟେ ଶୋଚନୀୟ ରାସ୍ତା ଓ ଅନ୍ୟପଟେ ଚମ୍ପାଳି ନଦୀ ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ଅନ୍ତର୍ଗତ ୭ଖଣ୍ଡ ଗ୍ରାମର ଗ୍ରାମବାସୀଙ୍କ ଯାତାୟାତରେ ବାଧକ ସାଜିଛି।

ଘୋଷରାମାଳ ପଞ୍ଚାୟତ ବଡ଼ମାଳ ଚର୍ଚ୍ଚ ଛକଠାରୁ କ୍ଷେତ୍ରପୁର ଦେଇ ଲାଣ୍ଡିମାଳ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୮ କି.ମି. ରାସ୍ତା ଶୋଚନୀୟ ହୋଇପଡ଼ିଛି। ବଡ଼ମାଳ, କ୍ଷେତ୍ରପୁର, ଧାତୁକିମାଳ, ବଡ଼ବିଲ, କମଳାନାଳୀ, ଲାଣ୍ଡିମାଳ ଓ ହରିପୁର ଗ୍ରାମର ଜନସାଧାରଣ ଏହି ରାସ୍ତା ସମସ୍ୟା ନେଇ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଏହି ରାସ୍ତାରେ କୌଣସି ଯାନବାହନ ଯିବା ଦୂରର କଥା ଲୋକେ ପାଦରେ ଚାଲି ଚାଲି ଯିବାକୁ ମଧ ନିଜକୁ ନିରାପଦ ମଣୁନାହାନ୍ତି। ରାସ୍ତାର ଉନ୍ନତୀକରଣ ତଥା ଏହାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରିବାକୁ ଆଖପାଖ ଲୋକେ ଜିଲା ପ୍ରଶାସନଠାରେ ଦାବି କରିଆସୁଥିଲେ ମଧ ସମାଧାନ ହୋଇପାରି ନାହିଁ। ଗତ ୧୦ତାରିଖରେ ଗ୍ରାମବାସୀ ଏ ନେଇ ରେଢାଖୋଲ ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଏ ସମ୍ପର୍କରେ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି, ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି ଉପଜିଲାପାଳ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଏହି ୭ଖଣ୍ଡ ଗ୍ରାମର ଲୋକଙ୍କ ପାଇଁ ଅଡୁଆ ହୋଇଛି ଚମ୍ପାଳି ନଦୀ। ବର୍ତ୍ତମାନ ବର୍ଷାଦିନେ ନଦୀରେ ଜନସାଧାରଣ ଓ ଛାତ୍ରୀଛାତ୍ର ଜୀବନକୁ ବାଜି ଲଗାଇ ଯାତାୟାତ କରିବାକୁ ବାଧ ହେଉଛନ୍ତି। ତେଣୁ ବଡ଼ମାଳ-ଲାଣ୍ଡିମାଳ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବାକୁ ଏହି ୭ଖଣ୍ଡ ଗ୍ରାମର ଲୋକେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୧୬ତାରିଖରେ ପାଣ୍ଡିଆନଙ୍କ ରେଢାଖୋଲ ଗସ୍ତ ସମୟରେ ଦାବିପତ୍ର ପ୍ରଦାନ ପୂର୍ବକ ଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀ ମୃତ

ଟିଟିଲାଗଡ଼,୧୯।୭(ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ମହଦା ଗ୍ରାମର ଜଣେ ଚାଷୀଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ଫିରୋଜ ସାହା (୩୫)। ଫିରୋଜ ଗତ ୧୬ ତାରିଖରେ ନିଜ କ୍ଷେତକୁ ଯାଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ତାଙ୍କୁ କେସିଙ୍ଗା ଡାକ୍ତରଖାନା ଓ ପରେ ଭବାନୀପାଟଣା ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ରାୟପୁର ନିଆଯାଇଥିଲା। ହେଲେ ରାତିରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ବ୍ୟବଚ୍ଛେଦ ପରେ ବୁଧବାର ଗାଁକୁ ମୃତଦେହ ଅଣାଯାଇ ସତ୍କାର କରାଯାଇଛି। ପୁଅ ଆଜାଦ (୮) ମୁଖାଗ୍ନି ଦେଇଥିଲେ। ତାଙ୍କ ସ୍ତ୍ରୀ ଏବଂ ଦୁଇ ଶିଶୁ ସନ୍ତାନ ରହିଛନ୍ତି। ଫିରୋଜ କୃଷକ ସଂଘର୍ଷ ଅଭିଯାନର ଜଣେ ସକ୍ରୀୟ ସଦସ୍ୟ ଥିଲେ। ତାଙ୍କ ମୃତ୍ୟରେ ସଂଗଠନର ଆବାହକ ବାଳକୃଷ୍ଣ ଷାଣ୍ଢ, ଆଇନଜୀବୀ ଦିଲିପ ବିଶି, ବୈବସ୍ୱତ ସାହୁ, ତ୍ରିଲୋଚନ ସାହୁ, ରାଜେନ୍ଦ୍ର ଜାନୀ, ପ୍ରକାଶ ଭୋଇ, ରାଜନ ଭୋଇ ପ୍ରମୁଖ ଚାଷୀ ସଂଗଠନ ସଦସ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି।

### ବ୍ୟାଙ୍କ ଋଣ ଓ ଫେରସ୍ତ ବ୍ୟବସ୍ଥା ଉପରେ ସଚେତନତା

ଲୋଇସିଂହା,୧୯।୭(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ନଅଗାଁ(ଖ) ପଞ୍ଚାୟତ ପରିସରରେ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ନେଇ ବ୍ୟାଙ୍କ ଋଣ ଓ ଫେରସ୍ତ ବ୍ୟବସ୍ଥା ଉପରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ବିଭାଗ ବ୍ଲକ ସଂଯୋଜକ ସଚ୍ଚିଦାନନ୍ଦ ଷଡଙ୍ଗୀ ଏଥିରେ ସଂଯୋଜନା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ସେଠ, ପଲ୍ଲୀ ଆଲୋକ ପାଠାଗାରର ଗୋବିନ୍ଦ ଚନ୍ଦ୍ର ବିଶି, ପ୍ରହ୍ଲାଦ ପ୍ରଧାନ, ବିଏଲଫ ଦୀପାଞ୍ଜଳି ସାହୁ, ସବିତା ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ମହିଳା ଗୋଷ୍ଠୀ ବ୍ୟାଙ୍କରୁ ଆଣୁଥିବା ଋଣର ଉପଯୁକ୍ତ ବିନିୟୋଗ କରି ଉପଯୁକ୍ତ ସମୟରେ ଋଣ ପରିଶୋଧ କରି ଅଧିକରୁ ଅଧିକ ଫାଇଦା ନେବାକୁ ପରାମର୍ଶ ଦେଇଥିଲେ। ପ୍ରଶାନ୍ତ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶିଷ୍ଟ ସାମାଜିକ କର୍ମୀଙ୍କ ପରଲୋକ

ମୁରିବାହାଲ,୧୯।୭(ଶ୍ରୀବତ୍ସ ବେହେରା): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଡାଙ୍ଗରପଡା ପଞ୍ଚାୟତ ଅନ୍ତର୍ଗତ ସାହାଜପାଣି ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ରତ୍ନାକର ମହାକୁର(୭୨)ଙ୍କ ବୁଧବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତୁବେଳେ ୨ପୁଅ କ୍ଷୀରସିନ୍ଧୁ ମହାକୁର ଓ ନବୀନ ମହାକୁର, ପୁତ୍ରବଧୂ ହେମନ୍ତୀ ମହାକୁର ଓ ବାସନ୍ତୀ ମହାକୁର ଓ ଭାଇ ଡାଙ୍ଗରପଡା ଗ୍ରାମପଞ୍ଚାୟତ ସରପଞ୍ଚ ରାମଦାସ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ କ୍ଷୀରସିନ୍ଧୁ ମହାକୁର ମୁଖାଗ୍ନି ଦେଉଥିଲେ।

### ଭଙ୍ଗା ଯାଉନି ବିପଦପୂର୍ଣ୍ଣ ଶ୍ରେଣୀଗୃହ

ଲାଠୋର,୧୯।୭(ଭୁବନେଶ୍ୱର ବାରିକ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ସେବାଶ୍ରମ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହା ପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ୧୯୫୪ ମସିହାରେ ସ୍ଥାପିତ ଏହି ସେବାଶ୍ରମରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୧୩୬ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଗତ ୨୦୧୪ ମସିହାରୁ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଶ୍ରେଣୀ କୋଠରୀକୁ ଭାଙ୍ଗିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରୁଥିଲେ ମଧ କର୍ଣ୍ଣପାତ କରାଯାଉନାହିଁ। ଅପରପକ୍ଷରେ ଦୁର୍ବଳ ଅବସ୍ଥାରେ ଥିବା ସେହି କୋଠରୀ ପାର୍ଶ୍ୱରେ ଥିବା ଅନ୍ୟ ଶ୍ରେଣୀଗୃହକୁ ପିଲାମାନେ ଯାଉଥିବାରୁ ବିପଦ ଆଶଙ୍କା ରହିଛି। ଖେଳାବୁଲା ନ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସେଠାରେ ବାଉଁଶ ବାନ୍ଧିଥିଲେ ମଧ ଛୁଟି ପରେ ସେବାଶ୍ରମ ଅନ୍ତେବାସୀ ପିଲାମାନେ ସେଠାରେ ଖେଳାବୁଲା କରୁଛନ୍ତି। ବର୍ତ୍ତମାନ ସେହି ଗୃହର ଛାତରୁ ସିମେଣ୍ଟ କଂକ୍ରିଟ ଖସୁଛି। ଏନେଇ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଯଦୁମଣି ଭୁଏଙ୍କୁ ପଚାରିବାରେ ସମ୍ପୃକ୍ତ କୋଠରିକୁ ଭାଙ୍ଗିବା ପାଇଁ ଅନେକ ଥର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛୁ ବୋଲି କହିଛନ୍ତି।

# ପାଟଣାଗଡ଼ ବନ୍ଦ, ଜୀବନଯାତ୍ରା ପ୍ରଭାବିତ

ବଲାଙ୍ଗୀର, ୧୯।୭(ବୀରେନ୍ଦ୍ର କୁମାର ଝାଙ୍କର)/ପାଟଣାଗଡ (ପ୍ରହ୍ଲାଦ ପାଢ଼ୀ)


ବୁଧବାର ପାଟଣାଗଡ ବନ୍ଦ ପାଳନ ବେଳେ ଆନ୍ଦୋଳନକାରୀ ଓ ରାଜନେତା।

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଛକଠାରେ ଲଗାଯାଇଥିବା ଭଗବାନ ପର୍ଶୁରାମଙ୍କ ଫଟୋକୁ ହଟାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣା ପ୍ରତିବାଦରେ ବୁଧବାର ଦିଆଯାଇଥିବା ପାଟଣାଗଡ ବନ୍ଦ ଡାକରା ସଫଳ ହୋଇଛି। ପାଟଣାଗଡ ହିନ୍ଦୁ ସମାଜ, ବ୍ରାହ୍ମଣ ଏକତା ମଞ୍ଚ, ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ଆହ୍ୱାନ କ୍ରମେ ଏହି ୧୨ ଘଣ୍ଟିଆ ପାଟଣାଗଡ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭବାରେ ପାଟଣାଗଡରେ ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ଅଫିସ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ ଓ ଗାଡିମଟର ଚଳାଚଳ ବନ୍ଦ ରହିଥିଲା। ଏହି ବନ୍ଦ ଡାକରାକୁ ସ୍ୱତଃସ୍ଫୁର୍ତ୍ତ ସମର୍ଥନ କରାଯାଇଥିବା ଜଣାପଡିଛି। ବନ୍ଦ ଯୋଗୁଁ ପାଟଣାଗଡରେ ସ୍ୱାଭାବିକ ଜୀବନଯତ୍ରା ବ୍ୟାହତ ହୋଇଥିଲା। ଦୋକାନ ବଜାର ଓ ଗାଡିମୋଟର ଚଳାଚଳ ବନ୍ଦ ରହିବା ଫଳରେ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା।

ବ୍ଲକ୍ ଛକ ଠାରେ ଆନ୍ଦୋଳନକାରୀ ଧାରଣା ଦେବା ସହ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ବନ୍ଦ ଡାକରାକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମିଳିଥିବା ସୂଚନା ଅନୁସାରେ ପାଟଣାଗଡ ବଣିକ ସଂଘ ପକ୍ଷରୁ ବନ୍ଦକୁ ସମର୍ଥନ ଘୋଷଣା କରାଯାଇ ନ ଥିଲେ ମଧ ଦୋକାନ ବଜାର ବନ୍ଦ ରହିଥିବା ଜଣାପଡିଛି। ଆନ୍ଦୋଳନକାରୀମାନେ ତୁରନ୍ତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ହଟାଇ ସେହି ସ୍ଥାନରେ ପୂର୍ବବତ ଭଗବାନ ପର୍ଶୁରାମଙ୍କ ଫଟୋ ଲଗାଇବାକୁ ଦାବି କରିଛନ୍ତି। ଏହି ଘଟଣାରେ ସ୍ଥାନୀୟ ବିଧାୟକଙ୍କୁ ମଧ ତୀବ୍ର ସମାଲୋଚନା କରାଯାଇଛି। ଏଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

୨୦୧୯ ମସିହାରେ ପାଟଣାଗଡ

**ପର୍ଶୁରାମ ଫଟୋ ହଟାଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣା**

ବ୍ଲକ୍ ଛକ ଠାରେ ପର୍ଶୁରାମ ଜୟନ୍ତୀରେ ଭଗବାନ ପର୍ଶୁରାମଙ୍କ ଫଟୋ ରଖାଯାଇ ପୂଜା କରାଯାଇ ଆସୁଥିଲା। ଉକ୍ତ ସ୍ଥାନରେ ପର୍ଶୁରାମଙ୍କ ଏକ ମାର୍ବଲ ମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯିବା ସହ ପ୍ରତିମୂର୍ତ୍ତି ପାଇଁ ବରାଦ କରାଯାଇଥିଲା। ତେବେ ସୋମବାର ବ୍ଲକ ଛକ ଠାରେ ଥିବା ଭଗବାନ ପର୍ଶୁରାମଙ୍କ ଫଟୋକୁ ହଟାଇ ସେହି ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହାର ପ୍ରତିବାଦରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ୧୨ ଘଣ୍ଟିଆ ବନ୍ଦ ପାଳନକୁ ସମର୍ଥନ ଘୋଷଣା କରି ପାଟଣାଗଡର ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ, କଂଗ୍ରେସ ନେତା ଅନୀଲ ମେହେର, ବ୍ଲକ୍ କଂଗ୍ରେସ ସଭାପତି ପତିତପାବନ ପ୍ରଧାନ ଧାରଣାସ୍ଥଳକୁ ଆସିଥିଲେ।

# ମହିଳା ସଂଗଠନର ବିହନ ମନ୍ଥନ କାର୍ଯ୍ୟକ୍ରମ


ବିହନ ମନ୍ଥନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୧୯।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ସଭାଗୃହରେ ମହିଳା କୃଷି ଉତ୍ପାଦନ କମ୍ପାନୀ ତରଫରୁ ବିହନ ମନ୍ଥନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏସେଏସ୍ ଲାଇଭଲି ହୁଡ୍ସର ମୋହସୀନ ଖାଁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏଥିରେ ଓଡିଶା ଜୀବିକା ମିଶନର ବିପିଏମ ମଧୁସ୍ମିତା ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ବନିତା ମେହେର, ବାଳକୃଷ୍ଣ ଧରୁଆ, ଇରିର ଦେବୀପ୍ରସାଦ ମିଶ୍ର, ଦିଲୀପ ରାଉତ, ବିଶ୍ୱରଞ୍ଜନ ସାହୁ, ମମତା ପାଣ୍ଡେ ଅତିଥି ଭାବେ ଯୋଗଦେଇଥିଲେ । ଉତ୍ତମ ଗୁଣମାନର ବିହନ ଉତ୍ପାଦନ, ଚାଷୀଙ୍କୁ ନୂତନ ଜ୍ଞାଣକୌଶଳ ବିଷୟରେ ସୂଚନା, ସରକାରୀ ସୁବିଧା ସୁଯୋଗ ଉପରେ ଚାଷୀଙ୍କୁ ଅବଗତ କରାଇଥିଲେ ଅତିଥି। ଆଧୁନିକ ଓ ବୈଜ୍ଞାନିକ ଚାଷ ପ୍ରଣାଳୀ ଉପଯୋଗ ସହିତ ଠିକ ସମୟରେ ଚାଷରେ ସାର, ରୋଗପୋକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା । ବର୍ତ୍ତମାନ ସମୟରେ ଚାଷରେ ମହିଳାଙ୍କ ଭୁମିକା ଗୁରୁତ୍ୱପୂର୍ଣ୍ଣ । ଏହି ମହିଳା ସଂଗଠନ ଆଗାମୀ ଦିନରେ ମହିଳା ଚଷୀଙ୍କ ଜୀବିକାକୁ ସୁଦୃଢ଼ କରିବାରେ ଏହା ଏକ ବୈପ୍ଳବିକ ପଦକ୍ଷେପ ବୋଲି ଦିଲୀପ ରାଉତ କହିଥିଲେ। ଏହାବ୍ୟତୀତ ୨୦୨୩-୨୪ ଖରିଫରେ ୯୧ଜଣ ମହିଳା ଚାଷୀଙ୍କୁ ନେଇ ୨୫ଶହ କୁଇଣ୍ଟାଲ ବିହନ ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିବା ମୋହସୀନ ଖାଁ ସୂଚନା ଦେଇଥିଲେ ।

# ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ନୂଆପଡ଼ା,୧୯।୭(ମକାରୁ ବେମାଲ)


ଦାବିପତ୍ର ଦେବା ପାଇଁ ଆସିଥିବା ହିତାଧିକାରୀମାନେ।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଇଛାପୁର ଗାଁର ହିତାଧିକାରୀମାନେ ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦ୍ୱାରା ହୋଇଥିବା ସବୁ କାର୍ଯ୍ୟରେ ଚଞ୍ଚକତା ହୋଇଥିବା ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଜଙ୍ଗଲରେ ବର୍ଷା ପାଣିକୁ ଅଟକାଇ ରଖିବା ପାଇଁ ଟିସିବି କାର୍ଯ୍ୟ ହୋଇଛି। ସେହି କାର୍ଯ୍ୟରେ ଯେଉଁମାନେ କାର୍ଯ୍ୟ କରିଛନ୍ତି, ସେମାନଙ୍କ ନାମରେ କମ ଟଙ୍କା ଆକାଉଣ୍ଟରେ ଛଡା ଯାଇଛି ଓ ଯେଉଁମାନେ କାର୍ଯ୍ୟ କରି ନାହାନ୍ତି ସେମାନଙ୍କ ଆକାଉଣ୍ଟରେ ଅଧିକ ଟଙ୍କା ଛଡାଯାଇ ଲୁଟ କରିଛନ୍ତି। ଆବାସ ଗୃହ ହିତାଧିକାରୀମାନେ ଗୃହ ସମ୍ପୂର୍ଣ୍ଣ କରିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ୩୦ ହଜାର ଟଙ୍କା ହିତାଧିକାରୀଙ୍କ ଖାତାକୁ ଯିବା କଥା। ତାହା ମଧ୍ୟ ହିତାଧିକାରୀ ଖାତାକୁ ଯାଇନାହିଁ। ଅନ୍ୟ ଖାତାରେ ଛଡା ଯାଇ ସବୁ ଟଙ୍କା ଆତ୍ମସାତ କରିଛନ୍ତି ବୋଲି

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା**

ଅଭିଯୋଗ କରିଛନ୍ତି। ପ୍ରକୃତରେ ଯିଏ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିଛନ୍ତି, ତାଙ୍କ ଆକାଉଣ୍ଟକୁ ଟଙ୍କା ଛଡା ଯାଇନାହିଁ। ମୃତ ବ୍ୟକ୍ତିମାନଙ୍କ ଆକାଉଣ୍ଟରେ ଟଙ୍କା ପଡିଛି। ଜଣେ ଜଣେ ହିତାଧିକାରୀଙ୍କ ନାମରେ ଅନ୍ୟ ଅନ୍ୟ ବ୍ୟାଙ୍କରେ ଦୁଇରୁ ତିନିଟି ବ୍ୟାଙ୍କ ଖାତା କରି ଟଙ୍କା ଛଡା ଯାଉଛି। ଟଙ୍କା ବ୍ୟାଙ୍କରୁ ବାହାର କରି ଖାତାଧାରୀଙ୍କୁ କିଛି ଦେଇ ସେମାନେ ଆତ୍ମସାତ କରୁଛନ୍ତି। ଏହାର ଉଚିତ ତଦନ୍ତ କରି ଅସାଧୁ ଉପାୟ ଅବଲମ୍ବନ କରିଥିବା ବ୍ୟକ୍ତି ବା କର୍ମଚାରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ମୁଁ ବିଡିଓ କିମ୍ବା ଯେ କୌଣସି ଅଧିକାରୀଙ୍କୁ ପଠାଇ ବହୁତ ଶୀଘ୍ର ତଦନ୍ତ କରିବେ। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ସାହୁ କହିଛନ୍ତି। ଦାବିପତ୍ର ଦେବା ସମୟରେ ସଞ୍ଜୁ ହଂସ, ଶ୍ରୀତମ ସାହୁ, ଥବିର ବାରିକ, ମହମ୍ମଦ କାୟାମ ଖାନ, ଖିରେନ୍ଦ୍ର ପୋଡ, ନେପାଲ ନାଏକ, ଫକିର ପ୍ରଧାନ, ମାନୁ ପୋଡ, ଅଞ୍ଜନ ପୋଡ, ନିଳାଞ୍ଚଳ ଅହିର, ଶୁକଦେବ ବନଛୋର, ହେମନ୍ତ କୁମାର ସାହୁ, କୃଷ୍ଣଚନ୍ଦ୍ର ବାଗ, ପ୍ରଦୀପ ପୋଡ, ହେମନ୍ତ ପ୍ରଧାନ, ଅମୃତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ବୃଦ୍ଧଙ୍କଠାରୁ ୨୫ହଜାର ଛଡାଇ ନେଲେ ଲୁଟେରା

ଖପ୍ରାଖୋଲ, ୧୯।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନାଠାରୁ ୩ଶହ ମିଟର ଦୂର ଖପ୍ରାଖୋଲ ଗାଁ ମଝି ପ୍ରହରୀ ମଣ୍ଡପ ନିକଟରୁ ବୁଧବାର ଦିନଦିପ୍ରହରରେ ଜଣେ ବୃଦ୍ଧ ଲୁଟ୍‌ର ଶିକାର ହୋଇଛନ୍ତି। ଲୁଟ୍‌ର ଶିକାର ଭାଲୁଝୁଙ୍ଗୁରୀ ଗାଁର ଧଖିଲ ସାହୁ (୭୫) ଏ ନେଇ ଖପ୍ରାଖେଶଲ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଏତଲା ଆଧାରରେ ଏକ ମାମଲା(୧୨୫/୨୩) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଧଖିଲ ସ୍ଥାନୀୟ ୟୁଜିବିରୁ ୨୫ ହଜାର ଟଙ୍କା ଉଠାଇ ନିଜ ଘରକୁ ଚାଲି ଚାଲି ଫେରୁଥିଲେ। ଏହି ସମୟରେ ଦୁଇଟି ମୋଟର ସାଇକେଲରେ ଚାରି ଜଣ ଲୁଟେରା ବୃଦ୍ଧଙ୍କଠାରୁ ଟଙ୍କା ବ୍ୟାଗ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ଅର୍ଥନୈତିକ ସାକ୍ଷରତା ଉପରେ କର୍ମଶାଳା

ଖଡ଼ିଆଳ,୧୯।୭(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଏସଭି ୱେଲଥ ପାର୍ଟନରଙ୍କ ଦ୍ୱାରା ମହାବିଦ୍ୟାଳୟର ସହଭାଗିତାରେ ଏକ ଦିବସୀୟ ଅନଲାଇନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ଼. ତରୁଣ କୁମାର ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା କର୍ମଶାଳାରେ ଜାତୀୟସ୍ତରର ଅର୍ଥନୈତିକ ଟ୍ରେନର ସମସେର ସିଂ ଟ୍ରେନିଂ ପ୍ରଦାନ କରିଥିଲେ। ଏଥିରେ ଷ୍ଟକ ଏକ୍ସଚେଞ୍ଜ, ସେବୀ, ବିଏସଇ, ପାୱାର ଅଫ ଆର୍ନିଙ୍ଗ, ଅର୍ଥ ସରଣକ୍ଷ,ଏଥିପାଇଁ ସତର୍କତା ଉପରେ ଆଲୋଚନା କରିଥିଲେ। ଅନଲାଇନ ଅର୍ଥ ସଞ୍ଚୟ, ଅନଲାଇନ ସପିଙ୍ଗ, ଅନ ଲାଇନ ଚାକିରୀ ଇତ୍ୟାଦିରେ ସତର୍କତା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧାପକ ଅଧାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଅଧାପକ ଡ଼. ରଣବୀର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ଲାମୁଣ୍ଡା ମୁଖ୍ୟ କେନାଲର ଗାର୍ଡୱାଲ ଭାଙ୍ଗିଲା

କର୍ଲାମୁଣ୍ଡା,୧୯।୭(ପ୍ରଦୀପ କୁମାର ସାହୁ)


ଡୁକେରମାଲ ଡିଷ୍ଟ୍ରିବ୍ୟୁଟାରୀ ରାଜପୁର କେନାଲର ଗାର୍ଡୱାଲ ଭୁଶୁଡ଼ି ପଡିଛି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଉତେଇ କେନାଲର ଡୁକେରମାଲ ଡିଷ୍ଟ୍ରିବ୍ୟୁଟାରୀ ଅନ୍ତର୍ଗତ ରାଜପୁର କେନାଲରେ ନିର୍ମାଣ ହୋଇଥିବା ସାଇଡ ୱାଲର ଗୋଟିଏ ପଟର ପ୍ରାୟ ଦୁଇଶହ ମିଟର ଭୁଶୁଡି ପଡିଥିବା ଦେଖିବାକୁ ମିଳିଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କେନାଲରେ ସାଇଡ ୱାଲ, ଲାଇନିଙ୍ଗ କାମଗୁଡିକ କରୁଥିବା ବେଳେ ବିଭାଗୀୟ ଅଧିକାରୀମାନଙ୍କ ଆନ୍ତରିକତା ଅଭାବ ଓ ତଦାରଖ ଠିକ ଭାବେ ହେଉ ନ ଥିବା ଯୋଗୁ କାର୍ଯ୍ୟଗୁଡ଼ିକ ସ୍ଥାୟିତ୍ୱ ରହୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି କାମ ଗତ ଦୁଇ, ତିନି ବର୍ଷ ତଳେ ନିର୍ମାଣ ହୋଇଥିଲା। ଉତେଇ କେନାଲ ଅଧୀନରେ ଥିବା ବ୍ରାହ୍ମଣୀମୁଣ୍ଡା ସବ ମାଇନର କେନାଲର ଗାର୍ଡୱେଲ ୩୦ ମିଟର ଭାଙ୍ଗି ପଡିଥିବା ବେଳେ ଅତୀତରେ ରିଷିଡା ଓ ରିଞ୍ଜାର କେନାଲ ଗାର୍ଡୱାଲଗୁଡିକ ଭାଙ୍ଗିପଡିଥିଲା। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ନୂଆପଡ଼ା ଜିଲା ଭୂମି ସମ୍ମାନରେ ସମ୍ମାନିତ

ନୂଆପଡ଼ା,୧୯।୭(ମକାରୁ ବେମାଲ)


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜିଲାପାଳ ପୁରସ୍କାର ଗ୍ରହଣ କରୁଛନ୍ତି।

ନୂଆପଡା ଜିଲାରେ ଭୂମି ସଂସ୍କାର ନିମନ୍ତେ ନିଆଯାଇଥିବା କାର୍ଯ୍ୟର ସଫଳ ରୂପାୟନ ଓ ସରକାରଙ୍କ ଜମି ଜମା ରେକର୍ଡକୁ ଅତ୍ୟାଧୁନିକରଣ କରିବାରେ ଉଲ୍ଲାଖନୀୟ ଅବଦାନ ରହିଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନୂଆପଡା ଜିଲାକୁ ଶ୍ରେଷ୍ଠ ପାରଦର୍ଶତା ପାଇଁ ଭୂମି ସମ୍ମାନ ୨୦୨୩ରେ ସମ୍ମାନିତ କରିଛନ୍ତି। ନୂଆପଡା ଜିଲାପାଳ ହେମକାନ୍ତ ସାଏ, ସଦର ତହସିଲଦାର କୈଳାଶ ଚନ୍ଦ୍ର ଦାସ ଓ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର ରାଷ୍ଟ୍ରପତିଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଜମି ପଟ୍ଟାର କମ୍ପ୍ୟୁଟରୀକରଣ, ରେଜିଷ୍ଟ୍ରେଶନ କାର୍ଯ୍ୟକ୍ରମର ସରଳିକରଣ ଓ ସ୍ୱଚ୍ଛତା ଅନୁପାଳନ, ଆଧୁନିକ ରେକର୍ଡ, ରୁମ ପରିଚାଳନା, ଜମିଜମା କାଗଜ ପତ୍ରର ସ୍କାନିଂ ଓ କମ୍ପ୍ୟୁଟରିକରଣରେ ସଫଳ ରୂପାୟନ କରିଛି। ରାଷ୍ଟ୍ରପତିଦ୍ରୌପଦୀ ମୁର୍ମୁ ଭୂମିସଂସ୍କାର କ୍ଷେତ୍ରରେ ଭାରତର ୯ଟି ରାଜ୍ୟ ଓ ୬୮ଟି ଜିଲାକୁ ଭୂମି ସମ୍ମାନ ପ୍ରଦାନ କରିଛନ୍ତି।

# ନାବାଳିକାଙ୍କୁ ପ୍ରେମ ପ୍ରତାରଣା, ଅପହରଣ ଘଟଣା: ଜେଲଗଲେ ଯୁବକ

କୋକସରା,୧୯।୭
(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)



କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳର ଜଣେ ନାବଳିକାଙ୍କୁ ପ୍ରେମ ପ୍ରତାରଣା ଓ ଅପହରଣ କରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଧନସରା ଗ୍ରାମର ଗୋବିନ୍ଦ ନିଆଲ(୨୧)। ନାବଳିକାକୁ ପ୍ରେମ ଜାଲରେ ଫସାଇ ମିଛ ବିବାହର ପ୍ରତିଶ୍ରୁତି ଦେଇ ଗୋବିନ୍ଦ ଅପହରଣ କରିଥିଲେ। ଏ ନେଇ ନାବାଳିକାଙ୍କ ବାପା କୋକସରା ଥାନାରେ ଜୁନ ୨୨ରେ ଝିଅ ନିଖୋଜ ନେଇ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଗତକିଛି ତଳେ ଯୁବକ ନାବାଳିକାଙ୍କୁ ନେଇ ଗୋବିନ୍ଦ ଗାଁକୁ ନେଇ ଆସିଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ନାବଳିକାଙ୍କ ବୟାନ ରେକର୍ଡ ପରେ ବୁଧବାର ନାବଳିକା ଅପହରଣ ନେଇ ପୋକ୍‌ସୋ ଧାରାରେ ଏକ ମାମଲା (ନଂ.୧୬୯/୨୩) ରୁଜୁ କରି ଗୋବିନ୍ଦଙ୍କୁ କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ସହାୟତା ବଣ୍ଟନ

ଖଡ଼ିଆଳ,୧୯।୭(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ କଲ୍ୟାଣ ମଣ୍ଡପ-୨ଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ରୂପେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଯୋଗଦେଇ ସରକାରଙ୍କ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୧ ଲକ୍ଷ ୩୨ ହଜାର ୭୪୯ ଶ୍ରମିକଙ୍କୁ ୬୫ କୋଟି ୨୫ ଲକ୍ଷ ୭୦ ହଜାର ୩୭୮ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ବୁଧବାର ଖଡିଆଳ ବ୍ଲକରେ ୨୦୨ଜଣ ନିର୍ମାଣ ଶ୍ରମିକଙ୍କୁ ୧୩ କୋଟି ୯୩ ଲକ୍ଷ ୫ ହଜାର ସହାୟତା ପ୍ରଦାନ କରିଛନ୍ତି ବୋଲି କହିଥିଲେ। ସଭାରେ ଖଡିଆଳ ବିଧାୟକ ଅଧିରାଜା ମୋହନ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ପଶ୍ଚିମ ଓଡ଼ିଶା ବିକାଶ ପାଣ୍ଠି ସଦସ୍ୟା ମନ୍ଦାକିନୀ ବଘେଲ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର କୁମାର ବାର୍ଲା ମଞ୍ଚାସୀନ ଥିଲେ। ଶ୍ରମିକ ନେତା ପ୍ରଦୀପ ଦଣ୍ଡସେନାଙ୍କ ସହ ଶତାଧିକ ହିତାଧିକାରୀ ଯୋଗଦାନ କରିଥିଲେ।




# ସ୍ୱଳ୍ପ ବୃଷ୍ଟିପାତ: ଚାଷ କାମ ଆଗେଇ ପାରୁନାହିଁ

କେସିଙ୍ଗା,୧୯।୭(ତୁମେଶ୍ୱର ସାହୁ)


ରେଙ୍ଗାଲି ଗ୍ରାମର ଜଣେ ଚାଷୀ ଟ୍ରାକ୍ଟର ଯୋଗେ ପାଣି ଉଠାଇ ଜଳସେଚନ କରୁଛନ୍ତି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାମ ଆଗେଇ ପାରୁନାହିଁ। କେସିଙ୍ଗା ବ୍ଲକରେ୨୯ ହଜାର ୭୩୦ ହେକ୍ଟର ଚାଷ ଜମି ରହିଛି। ଏଥି ମଧ୍ୟରୁ ଚଳିତ ଖରିଫ ଋତୁରେ ୫ ହଜାର ୮୮୯ ହେକ୍ଟର ଜମିରେ ଧାନ ବୁଣାଯାଇଛି। ୨୨ ହାଜର ୭୭୫ ହେକ୍ଟରରେ କପା, ମକା, ହରଡ, ପନିପରିବା, ଚାଷ କରାଯାଇଛି। ହେଲେ ଆବଶ୍ୟକ ପାଣି ନ ହେବାରୁ ଧାନରୁଆ ହୋଇ ପାରୁନାହିଁ। ସ୍ୱଳ୍ପବର୍ଷା ଯୋଗୁ ଚାଷୀମାନେ ଚାଷ କାମରେ ଆଗେଇ ପାରୁ ନାହାନ୍ତି। ଜୁନ ମାସ ଯାଇ ଜୁଲାଇ ମାସ ଶେଷ ହେବାକୁ ବସିଲାଣି ଆବଶ୍ୟକତା ଅନୁସାରେ ବର୍ଷା ହେଉନାହିଁ। ଫଳରେ ଗଜା ଧାନ ମାରିବାକୁ ବସୁଛି। କେସିଙ୍ଗା ବହୁ ଗ୍ରାମ ପଞ୍ଚାୟତରେ ଧାନ ଗଜା ହୋଇଛି। ଜଳସେଚନର ସୁବିଧା ନ ଥିବାରୁ ଚାଷୀମାନେ ଗଜା ମରଡି ପାଇଁ କେସିଙ୍ଗା ତହସିଲଦାର, କୃଷି ବିଭାଗରେ ଲିଖିତ ଅଭିଯୋଗ କରିଛନ୍ତି। ରେଙ୍ଗାଲି ଗ୍ରାମର ଜଣେ ବଡ଼ଚାଷୀ ଦଶରଥ ସାହା ଗ୍ରାମ ନିକଟରେ ଥିବା ୨୪ ହେକ୍ଟର ଓ କଚ୍ଛାରପଦର ଗ୍ରାମରେ ଥିବା ୩୦ ହେକ୍ଟର ଜମିରେ ଜଳସେଚନର ସୁବିଧା ନ ଥିବାରୁ ନିଜେ ଏକ ବିରାଟ କ୍ଷେତ୍ର ପୋଖରୀ ଖୋଳାଇ ନିଜ ଜମିରେ ଚାଷ କାମ କରୁଛନ୍ତି। ନିଜର ଟ୍ରାକ୍ଟର ଯୋଗେ ପଲାରେ ପାଣି ମଡ଼ାଇ ଧାନ ରୁଇବା ପାଇଁ ପ୍ରସ୍ତୁତି ଚାଲିଛି। ରେଙ୍ଗାଲି ଗ୍ରାମର ଦଶରଥ ସାହା ବହୁ ବାର କୃଷି ବିଭାଗ ଓ ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟ କୁଯାଇ କ୍ଷେତ୍ର ପୋଖରୀ ଖୋଳିବା ପାଇଁ ଆବେଦନ କରିଥିଲେ। କିନ୍ତୁ ସୁଫଳ ନ ମିଳିବାରୁ

**ଟ୍ରାକ୍ଟର ସାହାଯ୍ୟରେ ପାଣି ଉଠାଇ ଚାଷ କାମ**

ନିଜେ ଅଢେଇ ଲକ୍ଷ ବ୍ୟୟ ଅଟକଳରେ ଏକ କ୍ଷେତ୍ର ପୋଖରୀ ଖୋଳି ନିଜେ ଚାଷ କାମ କରୁଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା କୃଷି ବିଭାଗ ଗୋଷ୍ଠୀ ଅଧିକାରୀ ଘନଶ୍ୟାମ ଦେହୁରୀଙ୍କୁ ପଚାରିବାରୁ ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାମ ଆଗେଇ ପାରୁନାହିଁ। ବର୍ଷା ହେଲେ ଭଲ ଚାଷ ହେବାର ସମ୍ଭାବନା ରହିଛି ବୋଲି ପ୍ରକାଶ କରିଥିଲେ। ରେଙ୍ଗାଲି ଗ୍ରାମର ଦଶରଥଙ୍କ ପୁଅ ହରି ସାହାଙ୍କୁ ପଚାରିବାରୁ ସ୍ୱଳ୍ପବର୍ଷା ଯୋଗୁ ଆମେ ଚାଷ ଠିକ ଭାବେ କରି ପାରୁନାହୁଁ, ନିଜର କ୍ଷେତ୍ର ପୋଖରୀରୁ ଟ୍ରାକ୍ଟର ଯୋଗେ ପାଣି ଜଳସେଚନ କରି ଚାଷ କାମ ଆଜିଠୁ ଆରମ୍ଭ କରିଛୁ ବୋଲି କହିଥିଲେ।




## ଆଜି କ'ଣ କେଉଁଠି

ରାଉରକେଲା

- ସିଆଇଟିୟୁ ପକ୍ଷରୁ ବୃକ୍ଷରୋପଣ, ଛେଣ୍ଡ, ସକାଳ ୧୦ଟା ।
- ଚ୍ୟାମ୍ବର ଅଫ୍ କମର୍ସ ଏବଂ ଜିଏସଟି ଅଧିକାରୀଙ୍କ ବୈଠକ, ପାନପୋଷ, ସକାଳ ୧୦ଟା ।

## ସଂକ୍ଷେପରେ

### ଝିରପାଣି ଥାନା ଆଗରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ

**ରାଉରକେଲା, ୧୯।୭(ସଙ୍ଗୀତା ଜେନା):** ଜୁଲାଇ ୨ ତାରିଖ ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ନିର୍ମାଣ କାର୍ଯ୍ୟରେ କାର୍ଯ୍ୟରତ ମହିଳା ଶ୍ରମିକ ସୁଷମା ଗୌଡ଼(୫୦) ମୁଣ୍ଡରେ ସିମେଣ୍ଟ ବସ୍ତା ବୋହିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ୧୮ ତାରିଖ ମଙ୍ଗଳବାର ସକାଳେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏ ନେଇ ପରିବାରବର୍ଗ ସୁଷମାଙ୍କ ମୃତଦେହ ଆଣି ରାଉରକେଲାରେ ରାତି ୯ଟା ଝିରପାଣିରେ ପହଞ୍ଚିଥିଲେ। ଏ ନେଇ କ୍ଷତିପୂରଣ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଠିକାଦାର ଏ ନେଇ କ୍ଷତିପୂରଣ ଦେଉ ବୋଲି ଦାବିରେ କୁହାଯାଇଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ବୁଧବାର ସକାଳ ଠାରୁ ମୃତକଙ୍କ ପରିବାରବର୍ଗ ଯଥା ତାଙ୍କ ବଡ଼ପୁଅ ବିଷ୍ଣୁ ଗୌଡ଼, ସୁମିତ ଗୌଡ଼, ସମାଜସେବୀ ସୁରଜିତ ନନ୍ଦ, ଜୟଶଙ୍କର ଗୌଡ଼, ପୁଷ୍ପା ଶର୍ମା, ଶୋଭା ଲୋହାର, ଇନ୍ଦିରା ନନ୍ଦ, ପାର୍ବତୀ ଲୋହାର, ସୁଦର୍ଶନ ଗୌଡ଼ ଓ ଶତାଧିକ ଗ୍ରାମବାସୀ ଝିରପାଣି ଥାନାରେ ଶାନ୍ତପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଠିକାଦାର ଓ ଶ୍ରମିକ ଯୋଗାଇଥିବା ମଧ୍ୟସ୍ଥିଙ୍କ ଠାରୁ କ୍ଷତିପୂରଣ କରିବାକୁ ପୋଲିସକୁ ଦାବି କରିଥିଲେ। ସନ୍ଧ୍ୟାରେ ଶ୍ରମିକ ଯୋଗାଇଥିବା ମଧ୍ୟସ୍ଥିଙ୍କୁ ଅଣାଯାଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରି ନ ଥିବା ଜଣାପଡ଼ିଛି।

### ଏସ୍‌ଟିଆଇ ଛକରେ ମୋ ବସ ପିଟିଲା ଘରୋଇ ବସ୍‌କୁ

**ରାଉରକେଲା, ୧୯।୭(ସଙ୍ଗୀତା ଜେନା):** ବୁଧବାର ଅପରାହ୍ନରେ ରଘୁନାଥପାଲ୍ଲୀ ଥାନାସ୍ଥିତ ଏସଟିଆଇ ଛକରେ ଏକ ଘରୋଇ ବସ ମହାମାୟା ଓଡ଼ି ୧୪ଏବି-୯୯୪୦କୁ ମୋ ବସ ସମ୍ମୁଖରୁ ଧକ୍କା ମାରିଥିବା ସୂଚନା ମିଳିଛି। ଏଥିରେ କେହି କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି। ହେଲେ ମହାମାୟାର ସମ୍ମୁଖ କାଚ ଭାଙ୍ଗି ନଷ୍ଟ ହୋଇଯାଇଛି। ଥାନା ପକ୍ଷରୁ ଦୁଇ ପକ୍ଷଙ୍କ ମଧ୍ୟରେ ଆଲୋଚନା ପାଇଁ ଡକାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି।

### ବିଜେଡି ପକ୍ଷରୁ ମ୍ୟୁନିସିପାଲ କଲେଜରେ ହେଲ୍ପ ଡେସ୍କ ଉଦ୍‌ଘାଟିତ




**ରାଉରକେଲା, ୧୯।୭(ସଙ୍ଗୀତା ଜେନା):** ରାଉରକେଲା ବିଜେଡି ପକ୍ଷରୁ ରାଉରକେଲା ମ୍ୟୁନିସପାଲ କଲେଜରେ ହେଲ୍ପ ଡେସ୍କ ଉଦ୍‌ଘାଟିତ ହୋଇଛି। କଲେଜରେ ହେବାକୁ ଥିବା ପ୍ରଥମ ବର୍ଷ କଳା, ବାଣିଜ୍ୟ, ବିଜ୍ଞାନରେ ଆସିବାକୁ ଥିବା ନୂତନ ଛାତ୍ରୀଛାତ୍ରଙ୍କୁ ସାହାଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ତଥା ବାଙ୍କୀ ବିଧାୟକ ଦେବୀପ୍ରସାଦ ତ୍ରିପାଠୀ ଓ ରାଉରକେଲା ବିଧାୟକ ତଥା ଶ୍ରମମନ୍ତ୍ରୀ ଶାରଦା ନାୟକଙ୍କ ଆହ୍ୱାନ କ୍ରମେ ରାଉରକେଲା ଛାତ୍ର ବିଜେଡ଼ି ପକ୍ଷରୁ ଡେସ୍କ ବୁଧବାରଠାରୁ ଖୋଲାଯାଇଛି।

### ଅଟୋରୁ ଚୋରି ଅଭିଯୋଗରେ ଜଣେ ଗିରଫ

**ରାଉରକେଲା, ୧୯।୭(ସଙ୍ଗୀତା ଜେନା):** ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଫୁଲବାରୀ ଅଞ୍ଚଳରେ ଛିଡ଼ା ହୋଇଥିବା ଏକ ଅଟୋରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ପୋଲିସ ବୁଧବାର ଫୁଲବାରୀ ବସ୍ତିରେ ରହୁଥିବା ସନ୍ତୋଷ ସାହୁ(୨୫)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଚୋରି ହୋଇଥିବା ୧୨୫୦ ଟଙ୍କାରୁ ସାଢ଼େ ୫ଶହ ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୧୪/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଅଟୋ ମାଲିକ ବୁଦ୍ଧିଆ ସାହୁ ଥାନାରେ ଅଭିଯୋଗ କରିଥିଲେ।

# ଧାମରାବସ୍ତି ତଳିଅଞ୍ଚଳ ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ

**ରାଉରକେଲା, ୧୯।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ମହାନଗର ନିଗମ ଅଧିନସ୍ଥ ୧୪ନଂ. ୱାର୍ଡ ଧାମରା ବସ୍ତି ତଳିଅଞ୍ଚଳ ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବସ୍ତିର ଜନସଂଖ୍ୟା ୯୩୩। ମାତ୍ର ଧାମରାବସ୍ତି ତଳିଆ ଅଞ୍ଚଳବାସୀଙ୍କ ପାଇଁ ଏପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା ନାହିଁ। ବସ୍ତି ରାସ୍ତାଘାଟ ବର୍ଷବର୍ଷ ହୋଇଗଲାଣି ଆବଡାଖାବଡ଼ା ହୋଇ ପଡ଼ିରହିଛି। ବସ୍ତିର ସମୁଦାୟ ନିଷ୍କାଷିତ ପାଣି ରାସ୍ତାରେ ଭାସୁଛି। ଏଥିସହିତ ବର୍ଷା ସମୟରେ ବର୍ଷାପାଣି ସିଧାସଳଖ ଘର ମଧ୍ୟକୁ ପ୍ରବେଶ କରୁଛି। ଏଥିସହ ବସ୍ତିରେ ଲାଗିଥିବା ୧୫ଟି ଷ୍ଟ୍ରିଟ୍ ଲାଇଟ ମଧ୍ୟରୁ ୬ଟା ଅଚଳ ହୋଇଯାଇଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି ହେଉନାହିଁ। ବସ୍ତିର ଖେଳପଡ଼ିଆ ଅଳିଆଆବର୍ଜନାର ପେଣ୍ଡସ୍ଥଳୀ ପାଲଟିଛି। ଦିନକୁ ଦିନ ବସ୍ତିରେ ବାହ୍ୟ ଲୋକଙ୍କ ଜବରଦଖଲ ବଢ଼ିବାରେ ଲାଗିଛି। ୬ମାସ ଆଗରୁ ପରିତ୍ୟକ୍ତ ଖେଳ ପଡ଼ିଆରେ ଏକ ପାର୍କ ନିର୍ମାଣ କରିବା ନିମନ୍ତେ ବସ୍ତିବାସିନ୍ଦା ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଥିଲେ। ଆର୍‌ଏମ୍‌ସି ପକ୍ଷରୁ ପ୍ରସ୍ତାବ ସହମତି ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ପାର୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ ହେଲାନାହିଁ। ଧାମରା ବସ୍ତିରେ ଥିବା କ୍ୱାର୍ଟରମାନଙ୍କରୁ କୁଢକୁଢ ଅଳିଆ ତଳପଟ ପଡ଼ିଆରେ ପକାଯାଉଛି। ଫଳରେ ବସ୍ତିରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହିତ ମଶାମାଛି ବଂଶବୃଦ୍ଧି ହେଉଛି। ଏମିତିକି ଆର୍‌ଏମ୍‌ସି ତରଫରୁ ମଶା ନିପାତ ଧୂଆଁଯନ୍ତ୍ର ବିପର୍ଯ୍ୟସ୍ତ ରାସ୍ତା ଯୋଗୁଁ ବସ୍ତିକୁ ପ୍ରବେଶ କରିପାରୁ ନାହିଁ। ଫଳରେ ବାହାରେ ଧୂଆଁ ଖେଳାଇ ପ୍ରତ୍ୟାବର୍ତ୍ତନ କରୁଛି। ଏଥିସହ ଧାମରା ବସ୍ତିର ତଳିଆ ଅଞ୍ଚଳରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ସ୍ଥାନୀୟ ବସ୍ତିର ଶିଶୁମାନେ ଖେଳକୁଦ ଏବଂ ଅଧ୍ୟୟନ କରିବାକୁ ଯାଉଥିବା ସମୟରେ ରାସ୍ତାରେ ବୋହୁଥିବା ଅଳିଆ ପାଣି କାଦୁଅରେ ସରସର ହେଉଛନ୍ତି। ଏହାର ପ୍ରଭାବରେ ଅଧିକାଂଶ ସମୟରେ କୁନି ପିଲାମାନେ ଜ୍ୱର ଆଦିରେ ଆକ୍ରାନ୍ତ ହେଉଥିବା ଧାମରାବସ୍ତି ସଭାପତି, ବସ୍ତିବାସିନ୍ଦା ଓ ଅଙ୍ଗନୱାଡ଼ି କର୍ମୀ ଅଭିଯୋଗ କରିଛନ୍ତି। ଧାମରା ବସ୍ତି ତଳଅଞ୍ଚଳ ବାସିନ୍ଦାମାନଙ୍କ ପାଇଁ ମୌଳିକ ସୁବିଧା ସାତସପନ ହୋଇ ରହିଯାଇଛି ବୋଲି ସ୍ଥାନୀୟ ବସ୍ତି କମିଟି ସଭାପତି ଅରୁଣ ମହନ୍ତ, ଅଙ୍ଗନୱାଡ଼ି କର୍ମୀ ଶାନ୍ତି କୁସୁମା, ତାପସୀ ନାୟକ, ରିତ ବାହାଲୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଆର୍‌ଏମ୍‌ସି ପକ୍ଷରୁ ବସ୍ତିର ସାମଗ୍ରିକ ଉନ୍ନତିକରଣ ପାଇଁ ଚେଷ୍ଟା ଚାଲିଛି। ଧାମରାବସ୍ତି ତଳଅଞ୍ଚଳ ପରିଦର୍ଶନ ସହିତ ଉନ୍ନତିକରଣ ନିମନ୍ତେ ରିପୋର୍ଟ ତଲବ ଚାଲିଥିବା, ଅଧପନ୍ତରିଆ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହ ବସ୍ତିର ମୌଳିକ ସମସ୍ୟା ସ୍ଥାୟୀ ସମାଧାନ ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା ଆର୍‌ଏମ୍‌ସି ପକ୍ଷରୁ ଦର୍ଶାଯାଇଛି। ଅନ୍ୟପଟେ ବସ୍ତି ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆଗକୁ ଆର୍‌ଏମ୍‌ସି କାର୍ଯ୍ୟାଳୟ ଆଗରେ ଧାରଣା ଦେବୁ ବୋଲି ବସ୍ତିବାସିନ୍ଦା ଦର୍ଶାଇଛନ୍ତି।



ଅଙ୍ଗନୱାଡ଼ି କେନ୍ଦ୍ର ସମ୍ମୁଖରେ ବସ୍ତିବାସିନ୍ଦା, ପିଲାମାନେ।



ରାସ୍ତାରେ ଅଳିଆପାଣି ଭାସୁଛି।

## ହକି ଇଣ୍ଡିଆ ଅଧ୍ୟକ୍ଷଙ୍କୁ ପୂର୍ବତନ ବିଧାୟକଙ୍କ ଚିଠି

**ରାଉରକେଲା, ୧୯।୭(ସଙ୍ଗୀତା ଜେନା)**

ମଙ୍ଗଳବାର ଛେଣ୍ଡ ସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ନେଇ ଜିଲା କଂଗ୍ରେସ ପକ୍ଷରୁ ଗେଟ ନମ୍ବର ୩ରେ ବିକ୍ଷୋଭ କରାଯାଇଥିଲା। ଏଥିରେ ଦଳ ପ୍ରତିନିଧି ମଣ୍ଡଳକୁ କର୍ତ୍ତୃପକ୍ଷ କୁଆଡ଼େ କର୍ଣ୍ଣପାତ କରି ନ ଥିଲେ। ଏପରିକି ପ୍ରତିନିଧି ମଣ୍ଡଳୀକୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ମିଳି ନ ଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ରାଉରକେଲାର ପୂର୍ବତନ କଂଗ୍ରେସ ବିଧାୟକ ପ୍ରଭାତ ମହାପାତ୍ର ହକି ଇଣ୍ଡିଆ ଅଧ୍ୟକ୍ଷ ତଥା ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କୁ ଚିଠି ଲେଖିଛନ୍ତି। ମହାପାତ୍ର ଷ୍ଟାଡ଼ିୟମ ମଧ୍ୟକୁ ପ୍ରବେଶ କରି ସମସ୍ତ ଅନୁଧ୍ୟାନ କରିବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ଚିଠିର ନକଲ କ୍ରୀଡ଼ା ବିଭାଗ, ରାଉରକେଲା ଅତିରିକ୍ତ ଜିଲାପାଳ, ପିସିସି କମିଟି ସଭାପତି ଓ ଅନ୍ୟମାନଙ୍କୁ ପ୍ରେରଣ କରିଛନ୍ତି।

# ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ଲାଗି ତାଲିମ



ତାଲିମ ଶିବିରରେ ପାନପୋଷ ଉପଜିଲାପାଳ ତାଲିମ ପ୍ରଦାନ କରୁଛନ୍ତି।

**ରାଉରକେଲା, ୧୯।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହ ପରିସରରେ ତିନିଦିନ ଧରି ଚାଲିଥିବା ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ତାଲିମ ଶିବିର ବୁଧବାର ସମ୍ପନ୍ନ ହୋଇଯାଇଛି। ଗତ ୧୭ତାରିଖ ପାନପୋଷ ଉପଖଣ୍ଡର ଇଆରଓ ଓ ଏଇଆରଓଙ୍କୁ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଭିଡିଓ କନଫରେନ୍ସ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଥିଲା। ଇଆରଓ ଓ ଏଇଆରଓମାନଙ୍କ ମଧ୍ୟେ ଉପଖଣ୍ଡୀୟ ପ୍ରଶାସନିକ ଅଧିକାରୀମାନେ ତାଲିମ ନେଇଥିଲେ। ନିର୍ଭୁଲ ଭୋଟର ତାଲିକା ତାଲିମ ଶିବିର ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀଙ୍କର ଅଧ୍ୟକ୍ଷତାରେ ଦୁଇଦିନ ବ୍ୟାପୀ ଚାଲିଥିଲା। ପାନପୋଷ ଅତିରିକ୍ତ ଉପଜିଲାପାଳ ସରୋଜିନୀ ପ୍ରସନ୍ନ କୁଲୁ, ବିଶ୍ରା ବିଡିଓ ଅଂଶୁମାନ ଦାସ, ନୂଆଁଗା ବିଡିଓ ବିକ୍ରାଣୀ କିସପୋଟା, କୁଆଁରମୁଣ୍ଡା ବିଡିଓ ତୃପ୍ତି ବରାଇ, ବିଶ୍ରା ତହସିଲଦାର ଜ୍ୟୋସ୍ନାରାଣୀ ସାହୁ, ବୀରମିତ୍ରପୁରର ତହସିଲଦାର ସୁଶାନ୍ତ ବେହେରା, କୁଆଁରମୁଣ୍ଡା ତହସିଲଦାର ରାଜେଶ ସାହୁ, ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଲାଠିକଟା ତହସିଲଦାର ନନ୍ଦିତା କୁଜୁର, ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ସୀତାଦେବୀ ମାଝୀ, ଗୌରବମୟ ପ୍ରଧାନ, ବୀରମିତ୍ରପୁର ବିଜ୍ଞାପିତ ପରିଷଦ ନିର୍ବାହୀ ଅଧିକାରୀ ସମ୍ବିତ ଦାସ ପାନପୋଷ ଉପଖଣ୍ଡର ୬୯୧ଜଣ ବୁଥସ୍ତରୀୟ ଅଧିକାରୀ ଓ ୬୫ଜଣ ବୁଥ ସ୍ତରୀୟ ତଦାରଖ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଏଥିସହିତ ଶିବିରରେ ଶତାଧିକ ଶିକ୍ଷୟିତ୍ରୀ/ଶିକ୍ଷକ ଓ ଅଙ୍ଗନୱାଡ଼ି କର୍ମୀ ମଧ୍ୟ ତାଲିମ ନେଇଛନ୍ତି। ଶିବିରରେ ତାଲିମ ନେଇଥିବା ଅଧିକାରୀମାନେ ବିଏଲଓ ଆପରେ କିଭଳି ଭାବରେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି କାମ ପ୍ରତି ଘରକୁ ଘର ଯାଇ ସର୍ଭେ କରିବେ, ସମୁଦାୟ ଭୋଟର କେନ୍ଦ୍ରମାନଙ୍କର ସର୍ଭେ କରିବେ ଏବଂ ଆଗାମୀ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୪ ତଥା ସାଧାରଣ ନିର୍ବାଚନ-୨୦୨୪ରେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବେ ତାଲିମ ପାଇଥିଲେ। ଆସନ୍ତା ଅଗଷ୍ଟ ମାସର ୨୧ତାରିଖ ତଥା ଗୋଟିଏ ମାସ ମଧ୍ୟେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ପ୍ରଶାସନିକ ଅଧିକାରୀ ବୁଥସ୍ତରୀୟ ଅଧିକାରୀ ଓ ବୁଥ ତଦାରଖ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଶିକ୍ଷୟିତ୍ରୀ/ଶିକ୍ଷକ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ତାଲିକା ପ୍ରସ୍ତୁତିରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଚାଲିଥିବା ତାଲିମ ଶିବିର ଆୟୋଜନରେ ବରିଷ୍ଠ ରାଜସ୍ୱ ସହାୟକ ବେଦ ପ୍ରକାଶ ପଶାୟତ, ଶିକ୍ଷକ ହାସିମ ଖାନଙ୍କ ସମେତ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟର ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପୁସ୍ତକାଳୟ ସମ୍ମୁଖରେ ଅସାମାଜିକଙ୍କ ଆଡ୍ଡା

**ରାଉରକେଲା, ୧୯।୭ (ବିପ୍ଳବ ରଞ୍ଜନ ଦାଶ)**

ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀଙ୍କ ପାଇଁ ରହିଛି ପୁସ୍ତକାଳୟ। ଛାତ୍ରୀମାନେ ପୁସ୍ତକାଳୟରୁ ପୁସ୍ତକ ଆଣି ପଢ଼ିବା ନିମନ୍ତେ ପୁସ୍ତକାଳୟ ସମ୍ମୁଖକୁ ଯାଆନ୍ତି। ସେଠାରେ ଛାତ୍ରୀଙ୍କ ବସିବା ପାଇଁ ଗଛ ମୂଳରେ ସୁନ୍ଦର ସିମେଣ୍ଟ ପରିବେଷ୍ଟିତ ଚୌତରା ଲଗାଯାଇଛି। ମାତ୍ର ଆଖପାଖ ଅଞ୍ଚଳର ଅସାମାଜିକ ବ୍ୟକ୍ତିମାନେ ଛାତ୍ରୀଙ୍କ ଲାଗି ନିର୍ମିତ ଚୌତରାରେ ବସି ଧୂମ୍ରପାନ ଗୁଟଖା ସେବନ କରନ୍ତି। ଚୌତରା ପାରିପାର୍ଶ୍ୱିକ ପରିବେଶକୁ କଳୁଷିତ କରୁଥିବା କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ଓ କଲେଜର କର୍ମଚାରୀ ଓ ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏନେଇ କଲେଜ ତରଫରୁ ବ୍ରାହ୍ମଣୀତରଙ୍ଗ ଥାନାରେ ବହୁଥର ଅଭିଯୋଗ ହୋଇଛି, ପୋଲିସ ମଧ୍ୟ ବାରମ୍ବାର ଚଢ଼ାଉ କରିଛି। ଚୌତରାରେ ଆଡ୍ଡା ନ କରିବାକୁ ଚେତାବନୀ ଦେଉଛି। ମାତ୍ର ପୋଲିସ ତାଗିଦକୁ ଅଣଦେଖା କରି ଅସାମାଜିକ ବ୍ୟକ୍ତି ଚୌତରାକୁ ବ୍ୟବହାର କରୁଛନ୍ତି। ତେବେ ତୁରନ୍ତ ଏଦିଗରେ ପୋଲିସ ପ୍ରଶାସନ ତରଫରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇ ଚୌତରାକୁ ଅସାମାଜିକ ତତ୍ତ୍ୱରୁ ମୁକ୍ତ କରିବାକୁ ଦାବି ହେଉଛି।

## ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ପୁସ୍ତକ ବିତରଣ

**ରାଉରକେଲା, ୧୯।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟଠାରେ ବୈଦିକ ଶିକ୍ଷାଶାସ୍ତ୍ର ଲାଭ କରୁଥିବା ବ୍ରହ୍ମଚାରିଣୀ (ଛାତ୍ରୀ)ମାନଙ୍କୁ ସାମୁଦାୟିକ ପୁସ୍ତକ ବିତରଣ ହୋଇଛି। ବୁଧବାର ମହାବିଦ୍ୟାଳୟର ସାମୁଦାୟିକଙ୍କୁ ବୈଦିକ ଶାସ୍ତ୍ର ସମ୍ବଳିତ ତଥା ଓଡ଼ିଆ ସଂସ୍କୃତିସଭ୍ୟତା ବିଭିନ୍ନ ସାହିତ୍ୟ ସାମାଜିକ ଓ ଜ୍ଞାନବିଜ୍ଞାନ ବୈଷୟିକ ପୁସ୍ତକ ବିତରଣ କରାଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମଚାରିଣୀ(ଛାତ୍ରୀ)ମାନେ ଏନେଇ ସଂସ୍କୃତ ଶ୍ଳୋକାଦି ଆବୃତ୍ତି କରିଥିଲେ। ବ୍ରହ୍ମଚାରିଣୀ ଖୁସି ରୟ, ମିତାଲି ଦାସ, ମନିଷା ବଳ, ରେଶମା ମାଝୀ ପ୍ରମୁଖଙ୍କ ସୁନ୍ଦର ଓଡ଼ିଆ ଶ୍ଳୋକ ଆବୃତ୍ତି ପାଇଁ ସେମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟର ଜ୍ୟୋସ୍ନାରାଣୀ ଦାସ,ଶ୍ୟାମବାଳା ଦାସ, ଶିବପ୍ରସାଦ ପାଠୀ, ଜତିନ୍ଦ୍ର ଜେନା ଓ ସନ୍ତୋଷ କୁମାର ଲେଙ୍କା ପ୍ରମୁଖ ଶିକ୍ଷକ ଓ କର୍ମଚାରୀମାନେ ମିଳିତ ଭାବେ ମହାବିଦ୍ୟାଳୟର ସମସ୍ତ ବ୍ରହ୍ମଚାରିଣୀଙ୍କୁ ସାମୁଦାୟିକ ଭାବେ ପୁସ୍ତକ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀ ଖୁସି ରୟ ଧନ୍ୟବାଦ ଜ୍ଞାପନ କରିଥିଲେ।



ସମ୍ବର୍ଦ୍ଧିତ ବ୍ରହ୍ମଚାରଣୀମାନେ ପ୍ରଦତ୍ତ ପୁସ୍ତକ ସହିତ ଅଧ୍ୟକ୍ଷ,ଶିକ୍ଷକ ଓ କର୍ମଚାରୀଙ୍କ ଗହଣରେ।

## ଆର୍‌ଏସ୍‌ପି ଦ୍ୱାରା ଏନ୍‌ଏସ୍‌ଆଇସି କ୍ୟାମ୍ପସରେ ଚାରାରୋପଣ

**ରାଉରକେଲା, ୧୯।୭(ବିପ୍ଳବ ରଞ୍ଜନ ଦାଶ)**

ସେକ୍ଟର-୧୫ ସ୍ଥିତ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଆଜିବୀକା କେନ୍ଦ୍ରରେ ଜୁଲାଇ ୧୭ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ପି.କେ ସ୍ୱାଇଁ ବୃକ୍ଷରୋପଣ ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ସୁଶ୍ରୀ ମୁନମୁନ ମିତ୍ର,ଏନଏସଆଇସିର ମୁଖ୍ୟ ପ୍ରବନ୍ଧକ ବି.ଏମ ନାୟକ,ସିଏସ୍‌ଆର ବିଭାଗର ଏଜିଏମ ଟି.ବି ଟପ୍ପୋ ଏବଂ ଏନ.ଏଚ ପତି, ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀ,ଏନ୍‌ଏସ୍‌ଆଇସିର ପ୍ରଶିକ୍ଷକ କର୍ମଚାରୀ ଓ ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ। ଏ ଅବସରରେ ଜାରୁଲ,ଟାବୁବୁଇଆ,ଆମାଲ୍ଟସ,ଗୁଲମୋହର, ବାବୁଲ ଓ ବକୁଲ ପରି ୧୦୦ଟି ଚାରାରୋପଣ ହୋଇଥିଲା। କାର୍ଯ୍ୟକ୍ରମକୁ ଏନ.ପତି ସଂଯୋଜନା କରିଥିଲେ।

## ତମାଖୁ ମୁକ୍ତ ଯୁବା ଅଭିଯାନ, ଶପଥ ପାଠ ଉତ୍ସବ

**ରାଉରକେଲା, ୧୯।୭(ସଙ୍ଗୀତା ଜେନା)**

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ ଜାତୀୟ ସେବା ଯୋଜନାର ସଂଯୁକ୍ତ ଶାଖା ପକ୍ଷରୁ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ କରୁଣାକର ପାଢ଼ଶାଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ତମାଖୁ ମୁକ୍ତ ଯୁବା ଅଭିଯାନ' ଅବସରରେ ସଚେତନତା ଓ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁଜାତା ପ୍ରଧାନଙ୍କ ମାର୍ଗଦର୍ଶନ ତଥା ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଲକ୍ଷ୍ମଣ ନାଥ ଦାସ, ସମ୍ମାନିତ ଅତିଥି ଭାବେ ପ୍ରଧ୍ୟାପକ ଡ. ରବୀନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ତମାଖୁର ପ୍ରଭାବ ଓ କୁପ୍ରଭାବ ସମ୍ପର୍କରେ ମୁଖ୍ୟ ଅତିଥି ଆଲୋଚନା କରିଥିଲେ। ଏହି ଅବସରରେ ଶପଥ ଗ୍ରହଣ କରାଯାଇଥିଲା। ଅଧ୍ୟାପକ ପାଢ଼ଶାଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ରଶ୍ମିପ୍ରଭା ମଥାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ସ୍ଥାନରେ ତମାଖୁ ମୁକ୍ତ ପରିସରର ପୋଷ୍ଟର ଲଗାଯାଇଥିଲା। ଅଜୟ ଗୌଡ଼, ବିଶାଳ ରାମ, ଅଶୋକ କିଷାନ, ଚନ୍ଦା ବାରିକ, ନିଲମ ବେଗମ, ଅଙ୍କିତା ଶରଣ, କ୍ରାନ୍ତି ଓରାମ ସମେତ ଅନ୍ୟମାନେ ସହଯୋଗ କରିଥିଲେ।




କଲେଜର ଅଧ୍ୟକ୍ଷାଙ୍କ ସମେତ ଅତିଥିବୃନ୍ଦ।(ଫଟୋ ବିବେକ)

# ୭ ବର୍ଷରେ ୫୭ଜଣଙ୍କ ପ୍ରାଣହାନି

**ରାଉରକେଲା, ୧୯।୭(ସଙ୍ଗୀତା ଜେନା)**

ବର୍ଦ୍ଧିତ ସହରୀକରଣ, ଜନସଂଖ୍ୟା, ଜଙ୍ଗଲ ହ୍ରାସ ଓ ପରିବେଶ ପରିବର୍ତ୍ତନ ଯୋଗୁ ଦିନକୁଦିନ ବଢ଼ୁଛି ହାତୀ ଓ ମଣିଷ ମଧ୍ୟରେ ଲଢ଼େଇ। ଏହି ଲଢ଼େଇର ପରିଣାମ ସ୍ୱରୂପ ୨୦୧୬ ମସିହାରୁ ଆଜି ପର୍ଯ୍ୟନ୍ତ ୭ବର୍ଷରେ ୫୭ଜଣଙ୍କ ରାଉରକେଲା ବନାଞ୍ଚଳରେ ପ୍ରାଣହାନୀ ହୋଇଥିବା ସୂଚନା ମିଳିଛି। ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ କରିଛି ବନବିଭାଗ। ଏ ନେଇ ରାଉରକେଲା ବିନବିଭାଗ ପକ୍ଷରୁ ସୂଚନା ମିଳିଛି। ୨୦୧୬-୧୭ ମସିହା ମଧ୍ୟରେ ୪ ଜଣ, ୨୦୧୭-୧୮ ମଧ୍ୟରେ ୧୫ଜଣ, ୨୦୧୮-୧୯ ମଧ୍ୟରେ ୯ଜଣ, ୨୦୧୯-୨୦୨୦ରେ ୩ ଜଣ, ୨୦୨୦-୨୧ରେ ୮ଜଣ, ୨୦୨୧-୨୨ ମସିହାରେ ୬ଜଣ, ୨୦୨୨-୨୩ରେ ୧୦ଜଣ, ୨୦୨୩ ଜୁନ ପର୍ଯ୍ୟନ୍ତ ୨ଜଣଙ୍କ ପ୍ରାଣହାନୀ ହୋଇଛି। ଏହି ୭ ବର୍ଷ ମଧ୍ୟରେ ୨୦୮୬୦୦୦୦ ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ କରିଛି ବିଭାଗ। ରାଉରକେଲା ବନବିଭାଗରେ ପାନପୋଷ ରେଞ୍ଜ, ବିଶ୍ରା, କୁଆଁରମୁଣ୍ଡା, ବୀରମିତ୍ରପୁର, ରାଜଗାଙ୍ଗପୁର, ବାଙ୍କି ଆଦି ୬ଟି ରେଞ୍ଜ ରହିଛି। ବିଶ୍ରା ରେଞ୍ଜ ନିକଟରେ ଥିବା ପଡୋଶୀ ରାଜ୍ୟ ଝାଡଖଣ୍ଡରୁ ହାତୀପଲ ପ୍ରାୟତଃ ସହରକୁ ପଶିଥାନ୍ତି। ଭୌଗୋଳିକ ଦୃଷ୍ଟିକୋଣରୁ ସୁନ୍ଦରଗଡ଼ ଡ଼ିଭିଜନରେ ଝାଡ଼ଖଣ୍ଡରୁ ହାତୀମାନେ ଆସି 'ପଚରା' ହଲ୍ଟରେ ରୁହନ୍ତି। ରାଜଗାଙ୍ଗପୁରକୁ ମହାବୀର 'ବାମରା' ସଂରକ୍ଷିତ ଜଙ୍ଗଲରେ ହାତୀ ବିଚରଣ କରିଥାନ୍ତି। ସେହିପରି ସୋନାଖାନ, ମାଲେଡିହି, ମନ୍ଦିରା ଡ୍ୟାମ ପଟୁ ମଧ୍ୟ ହାତୀଙ୍କ ଅନୁପ୍ରବେଶ ରହିଛି। ବିଶ୍ରା ରେଞ୍ଜରେ ଝାଡ଼ଖଣ୍ଡରୁ ସିଧାସଳଖ ହାତୀମାନେ ପଶି ଖରିଆଟୋଲ, ବନ୍ଧମୁଣ୍ଡା, ଲାଠିକଟା ଦେଇ ବିଚରଣ କରିଥାନ୍ତି। ତେବେ ହାତୀ ଗଣନାରେ ଜିଲାରେ ୮୦ରୁ ଉର୍ଦ୍ଧ୍ୱ ହାତୀ ରହିଛି। ଏକଦା ବନ୍ଧମୁଣ୍ଡା-ବରକାନୀରୁ ୧୧ଟି ହାତୀ ରାଉରକେଲା ସହରକୁ ପଶି ଆସିଥିଲେ। ସୁରକ୍ଷା ଦୃଷ୍ଟିରୁ ହାତୀଙ୍କୁ ବିଶ୍ରା ଛକ ଷ୍ଟାଡ଼ିୟମରେ ରଖାଯାଇଥିଲା। ପରେ ବନବିଭାଗ ଓ ପୋଲିସ ସହାୟତାରେ ସେମାନଙ୍କୁ ଓଏସଏପି ଓ କଣ୍ଟାଝର ବସ୍ତି ଦେଇ ଜଙ୍ଗଲମୁହାଁ କରାଯାଇଥିଲା। ବିଶ୍ରା କେର୍କେଟା ଅଞ୍ଚଳ ଜନୈକ ଗ୍ରାମବାସୀ ସୁମିତ ଲୋହାର କହନ୍ତି, ବିଶ୍ରା ଅଞ୍ଚଳରୁ ହାତୀମାନେ ଅବାଧରେ ଜନଗହଳି ପୂର୍ଣ୍ଣସ୍ଥାନମାନଙ୍କରେ ପଶୁଛନ୍ତି। ଜଙ୍ଗଲ ହାନୀ ହେଉଥିବାବେଳେ ପ୍ରାୟ ଖରାମାସରେ ହାତୀମାନଙ୍କ ଉତ୍ପାତ ଅଧିକ ଦେଖିବାକୁ ମିଳିଥାଏ। ଲୋକଙ୍କ ଘରଭାଙ୍ଗି ଧାନ ଖାଇବା, କଦଳୀ ଓ ଫଳବଗିଚା ନଷ୍ଟ କରିବା ଅତ୍ୟନ୍ତ ସାଧାରଣ। କୋଏଲନଦୀରେ ପାଣି ପିଇବାକୁ ଅଧିକ ସମୟ ହାତୀମାନେ ଦିନରେ ବିଚରଣ କରିଥାନ୍ତି। ହେଲେ ପୋଲିସ ଓ ବନବିଭାଗର ନିଷ୍କ୍ରିୟତା ଯୋଗୁ ସମୟେ ସମୟେ ଧନଜୀବନ ନଷ୍ଟ ହେଉଛି। ହାତୀ ପଶିବାର ଦୀର୍ଘ ସମୟ ପରେ ବନବିଭାଗ ସକ୍ରିୟତା ଦେଖାଉଛି। ସ୍ଥାନୀୟ ଲୋକ ହାତୀ ଘଉଡାଉଛନ୍ତି। ଏ ନେଇ ରାଉରକେଲା ବନବିଭାଗ ଡିଏଫଓ ଯଶୋବନ୍ତ ସେଠୀ କହିଛନ୍ତି, ହାତୀ ସମ୍ପର୍କିତ ସମସ୍ତ ସୂଚନା ଓ ଅଭିଯୋଗ ପାଇଲେ ତୁରନ୍ତ ବନକର୍ମୀ ଓ ଅଧିକାରୀଙ୍କୁ ଆଲର୍ଟ କରାଯାଉଛି। ଗ୍ରାମବାସୀଙ୍କୁ ଡାକବାଜି ଯନ୍ତ୍ରରେ ସୂଚନା ଦେବା ସହ ବନବିଭାଗ ସ୍କ୍ୱାଡ୍ ହାତୀ ଘଉଡାଇବାକୁ ଯାଉଛି। ଆବଶ୍ୟକସ୍ଥଳେ ଅତ୍ୟାଧୁନିକ କୌଶଳ ସହ ପାରମ୍ପରିକ ହାତୀ ଘଉଡାଇବାକୁ ନିଆଁ ଗୁଳା ଆଦି ବ୍ୟବହାର କରାଯାଉଛି। ସୀମାନ୍ତ ଅଞ୍ଚଳରେ ହାତୀମାନଙ୍କ ସକ୍ରିୟତାକୁ ଦୃଷ୍ଟି ଦିଆଯାଉଛି ତଥା ଲୋକଙ୍କ ମଧ୍ୟରେ ସଚେତନତା ମଧ୍ୟ କରାଯାଉଛି। ଜଙ୍ଗଲ ନିଆଁ ଓ ଶିକାର ଉପରେ କଡ଼ା ପଦକ୍ଷେପ ନେବା ସହ ହାତୀ ଓ ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି ବୋଲି ସେଠୀ କହିଥିଲେ।



(ଫାଇଲ ଫଟୋ।)

### ହାତୀ ଓ ମଣିଷ ଲଢ଼େଇ

**ରେଳ ଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଜବତ**

ଭବାନୀପାଟଣା,(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ରେଳ ଷ୍ଟେଶନ ନିକଟରେ ଥିବା ଲାଲପୋଲିଆ ରେଳ ଧାରଣାରୁ ବୁଧବାର ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡ ମୃତଦେହ ରେଲୱେ ପୋଲିସ ଜବତ କରିଛି। ଖବର ଲେଖା ହେବା ଯାଏ ମୃତ ଯୁବକଙ୍କ ପରିଚୟ ଜଣାପଡ଼ି ନାହିଁ।



## ସଂକ୍ଷେପରେ

### ଜୁନାଗଡ଼ ଏନ୍‌ଏସିରେ ନୂତନ ଇଓଙ୍କ ଯୋଗଦାନ

**ଜୁନାଗଡ଼,୧୯।୭(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସିରେ ନୂତନ ଇଓ ଭାବେ ପ୍ରେମଲାଲ ହିଆଲ ଯୋଗଦେଇଛନ୍ତି। ୨୦୧୫ ବ୍ୟାଚ୍‌ର ଓଡିଶା ପ୍ରଶାସନିକ ସେବା (ଓଏଏସ) ପ୍ରେମଲାଲ ଏହା ପୂର୍ବରୁ ନୂଆପଡା ଏନଏସିରେ ଇଓ ଭାବେ କାର୍ଯ୍ୟରତ ଥିଲେ। ଏହି ପରିପ୍ରେକ୍ଷୀରେ ବୁଧବାର ଏନ୍‌ଏସି କାର୍ଯ୍ୟାଳୟରେ ନଗରପାଳ, ପାରିଷଦବୃନ୍ଦ ତାଙ୍କୁ ପୁଷ୍ପ ଗୁଚ୍ଛଦେଇ ସ୍ୱାଗତ କରିଛନ୍ତି। ଏହି ସମୟରେ ନଗରପାଳ ମୁକେଶ ଅଗ୍ରୱାଲ, ଉପାଧକ୍ଷା ହିମାଦ୍ରୀ ନାଏକ, କନିଷ୍ଠ ଯନ୍ତ୍ରୀ ଅରୁଣ ବେହେରାଙ୍କ ସମେତ ପାରିଷଦମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ଜୁନାଗଡ ଏନ୍‌ଏସିର ବିକାଶ ମୂଳକ କାର୍ଯ୍ୟ ଉପରେ ପଦକ୍ଷେପ ନିଆଯିବ ବୋଲି ଇଓ ହିଆଲ ପ୍ରକାଶ କରିଥିଲେ।

### ଶୀଘ୍ର ମରାମତି ନ ହେଲେ ଆନ୍ଦୋଳନ



**ଖଡ଼ିଆଲ,୧୯।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଲ ବ୍ଲକ ୩୫୩ ନମ୍ବର ଜାତୀୟ ରାଜପଥଠାରୁ ଚନାବେଡା ଗ୍ରାମ ରାସ୍ତା ଚଳିତ ଲଘୁଚାପ ଜନିତ ବର୍ଷାରେ ଶୋଚନୀୟ ହୋଇପଡିଛି। ଚନାବେଡା ଗଏଁତା ପଡାଠାରୁ ଚନାବେଡା ପ୍ରଧାନମନ୍ତ୍ରୀ ସଡକ ପର୍ଯ୍ୟନ୍ତ ୧ କି.ମି. ରାସ୍ତାର ପ୍ରତି ୧୦ରୁ ୧୫ ଫୁଟ ମଧରେ ବଡବଡ ଗର୍ତ୍ତ ହୋଇଛି। ଗର୍ତ୍ତରେ ପାଣି ଜମି ରହୁଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଏହି ରାସ୍ତା ଦେଇ ଖଡିଆଲ ଉପଖଣ୍ଡ ସାସ୍ଥ୍ୟକେନ୍ଦ୍ର, ଖଡିଆଲ ଶିଳ୍ପ ତାଲିମ କେନ୍ଦ୍ର, ଖଡିଆଲ ମୋଡେଲ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ସହ ଭୁଲିଆସିକୁଆଁ ଦେଇ ବଲାଙ୍ଗୀର ଜିଲା ତୁରେକେଲ ବ୍ଲକକୁ ସଂଯୋଗ କରୁଛି। ପ୍ରତିଦିନ ଶତାଧିକ ଯାନବାହନ ଏହି ରାସ୍ତା ଦେଇ ଚଳାଚଳ କରୁଛି। ଏହି ରାସ୍ତାରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସରେ ରୋଗୀଙ୍କୁ ଗାଡ଼ି ଯାତୟାତ କରୁଥିବାରୁ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇପଡିଛି। ମରାମତି କରାଯାଉ ନ ଥିବାରୁ ଯାତାୟତରେ ଦୁଃର୍ବିସହ ହୋଇପଡିଛି। ଶୀଘ୍ର ରାସ୍ତା ମରାମତି କରିବାକୁ ଚନାବେଡା ପଞ୍ଚଦେବତା ଏସ୍‌ଏଚ୍‌ଜି ଗ୍ରୁପ ସଭାନେତ୍ରୀ ଇନ୍ଦୁ ବେହେରା, ସମ୍ପାଦିକା କପୁର ସୁନାନୀ, ସଭ୍ୟା ମନୋରମା ରାଉତ, ବିଷ୍ଣୁପ୍ରିୟା ରାଉତ, ରଶ୍ମିତା ରାଉତରାୟ, ମଦନା ବେହେରଙ୍କ ମହିଳାମାନେ ଜିଲାପାଳ ହେମନ୍ତ ସାଏଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଚଳିତ ବର୍ଷା ଋତୁରେ ରାସ୍ତା ମରାମତି କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରି ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ବିଡିଓ ବିରସେନ ବେହେରାଙ୍କୁ ପଚରାଯିବାରୁ ଅତିଶୀଘ୍ର ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।

# ତହସିଲଦାର, ଆଇଆଇସିଙ୍କୁ ତାଲା ପକାଇଲେ ଚାଷୀ



ତହସିଲ ଅଫିସ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି।



ତହସିଲଦାର ଓ ଆଇଆଇସିଙ୍କୁ ତାଲା ପକାଇଛନ୍ତି ଚାଷୀ।

ଭବାନୀପାଟଣା,୧୯।୭
(ଉତ୍ତମ କୁମାର ଦାଶ)

**ପ୍ରାଥମିକ କୃଷି ସମବାୟ ସମିତିକୁ ଧାନ କିଣା ଦାୟିତ୍ୱ ଦିଆଯାଉ**

କଳାହାଣ୍ଡି ଜିଲା କଲମପୁର ବ୍ଲକ କୋଟାଗାଁ ମଣ୍ଡିରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବଦଳାଇ ପ୍ରାଥମିକ କୃଷି ସମବାୟ ସମିତିକୁ ଧାନ କିଣିବା ଦାୟିତ୍ୱ ଦେବା ପାଇଁ ବୁଧବାର ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଗଣଧାରଣା ଦେଇଛନ୍ତି। ଏହି ସମୟରେ ସ୍ଥାନୀୟ ତହସିଲଦାରଙ୍କୁ ମଧ ଅଫିସରରେ ତାଲା ଦେବା ସହ ଉଦ୍ଧାର ପାଇଁ ଯାଇଥିବା ଆଇଆଇସି ଯୁଗଳ କିଶୋର ଶବରଙ୍କୁ ମଧ ବନ୍ଦ କରି ଗଣଧାରଣା ଦେଇଥିଲେ ଶତାଧିକ ଚାଷୀ।

ପ୍ରକାଶ ଯେ, କଲମପୁର ବ୍ଲକ ଅନ୍ତର୍ଗତ କୋଟାଗାଁ ମଣ୍ଡିରେ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିଲା। ଦୀର୍ଘ ଦିନରୁ ଏହି ମଣ୍ଡିରେ ଧାନ କ୍ରୟ ଓ ପଞ୍ଜୀକରଣରେ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଜିଲା ପ୍ରଶାସନ ପାଖରେ ସେମାନେ ଅଭିଯୋଗ କରିଥିଲେ। ଧାନ କ୍ରୟ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ବଦଳରେ ପ୍ରାଥମିକ କୃଷି ସମବାୟ ସମିତିକୁ ଧାନ କ୍ରୟ ଦାୟିତ୍ୱ ପ୍ରଦାନ କରିବାକୁ ଦାବି ହେଉଥିଲା। ଗତ ୧୧ ତାରିଖରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଲମପୁର ତହସିଲଦାର ରୁଦ୍ର ମୋହନ ନାୟକ ଓ ଧର୍ମଗଡ଼ ଏଆରସିଏସ୍ ମିତ୍ରଭାନୁ ବିଶ୍ୱାଳ କୋଟାଗାଁକୁ ଯାଇ ମଣ୍ଡିର ଅବ୍ୟବସ୍ଥିତି ସମ୍ପର୍କରେ ମିଳିତ ଭାବେ ତଦନ୍ତ କରିଥିଲେ। ବର୍ତ୍ତମାନ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇସାରିଥିଲେ ମଧ କୋଟାଗାଁ ମଣ୍ଡିରେ ଧାନ କ୍ରୟ କିଏ କରିବ ତାହା ଏଯାଏ ସ୍ଥିର ହୋଇନାହିଁ। ଅଞ୍ଚଳର ଚାଷୀମାନେ କେଉଁଠାରେ ପଞ୍ଜୀକରଣ କରିବେ ତାକୁ ନେଇ ଚିନ୍ତିତ ଥିବା ଅଭିଯୋଗ କରିଛନ୍ତି। ଏ ସବୁ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି କଲେ ମଧ ସମାଧାନ କରାଯାଉ ନ ଥିବାରୁ ବୁଧବାର କୋଟାଗାଁ ମଣ୍ଡି ଅଞ୍ଚଳର କୋଟାଗାଁ, ବଲାଗାଁ ଓ ଖଣ୍ଡି ଡ଼ଙ୍ଗରୀଗୁଡା ଗ୍ରାମର ଶତାଧିକ ଚାଷୀ ଓ ମହିଳା ଚାଷୀ କଲମପୁର ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିଛନ୍ତି। ଗଣଧାରଣାରେ ଭଗବାନ ବିହାରୀ, ଅଜିତ କୁମାର ବେହେରା, ସୁଧୀର ପଣ୍ଡା, ବିଭୀଷଣ ପାଲ, କୃଷ୍ଣ ଚନ୍ଦ୍ର ସାହୁ, କେ କୃଷ୍ଣ ମୂର୍ତ୍ତି, ସସ୍ମିତା ବାବୁ, ମମତା ବେହେରା, ବିଳାସିନୀ ଲହଜଲ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଚାଷୀ ପୂର୍ବରୁ ବିକ୍ରି କରିଥିବା ଧାନର ପ୍ରାପ୍ୟ ପ୍ରଦାନ ଏବଂ କୋଟାଗାଁ ମଣ୍ଡି ପରିଚାଳନା ଦାୟିତ୍ୱ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିବର୍ତ୍ତେ ପ୍ରାଥମିକ କୃଷି ସମବାୟ ସମିତିକୁ ଦାୟିତ୍ୱ ପ୍ରଦାନ ଦାବି ନେଇ କଲମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ରୁଦ୍ରମୋହନ ନାୟକଙ୍କୁ ପଚାରିବାରୁ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିବର୍ତ୍ତେ ପାକ୍ସକୁ ଦାୟିତ୍ୱ ଦେବା ପାଇଁ ଜିଲାପାଳଙ୍କୁ ଜଣାଇଥିବା ପ୍ରକାଶ କରିଛନ୍ତି। କଲମପୁର ଆଇଆଇସି ଯୁଗଳ କିଶୋର ଶବର ତହସିଲଦାରଙ୍କୁ ଉଦ୍ଧାର କରିବା ପାଇଁ ସନ୍ଧ୍ୟାରେ ତହସିଲ କାର୍ଯ୍ୟାଳୟ ଭିତରେ ପଶିବା ପରେ ଆଇଆଇସିଙ୍କୁ ମଧ ଅଟକ ରଖିଥିଲେ ଅସନ୍ତୁଷ୍ଟ ଚାଷୀ। ତହସିଲ କାର୍ଯ୍ୟାଳୟ ଭିତରେ ତାଲା ପକାଇ ପ୍ରାୟ ୮ଘଣ୍ଟା ଅଟକ ରଖିବା ପରେ ତହସିଲଦାର, ଆଇଆଇସି ଓ ତହସିଲ କର୍ମଚାରୀମାନଙ୍କୁ ସନ୍ଧ୍ୟା ୭ଟାରେ ବାହାରକୁ ବାହାର କରି ପୁଣି ତହସିଲ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଲେ ଚାଷୀ। ଗୁରୁବାର ପୁଣି ଧାରଣା ଜାରି ରଖିବେ ବୋଲି ସୂଚନା ଦେଇଛନ୍ତି ଧାରଣାରତ ଚାଷୀ। ଶାନ୍ତି ଶୃଙ୍ଖଳାରକ୍ଷା ପାଇଁ ଏସଆଇ ଡୋଲା ମଣୀ ବିଶି, ଏଏସଆଇ ଶେଖର ଜେନା ଓ ପୋଲିସ ଟିମ ଧାରଣା ସ୍ଥଳରେ ଉପସ୍ଥିତ ଥିଲେ। ଖବର ଲେଖା ହେବା ଯାଏ କୌଣସି ସମାଧାନ ହୋଇ ନ ଥିବାରୁ ଗଣ ଧାରଣା ଜାରି ରହିଛି।

### କାଦୁଅ ପଚପଚ ଗାଁ ଦାଣ୍ଡ, ଯାତାୟାତରେ ସମସ୍ୟା

**ଅଭିଯୋଗ କଲେ ଶୁଣୁନାହାନ୍ତି ସରପଞ୍ଚ**

କୋକସରା,୧୯।୭
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ କୁମୁଡ଼ାମୁଣ୍ଡା ଗାଁ ରାସ୍ତା ଅଳ୍ପ ବର୍ଷାରେ କାଦୁଅ ପଚପଚ ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରିଛି। ରାସ୍ତାର ଦୁଇ କଡ଼ରେ ଡ୍ରେନ ନ ଥିବାରୁ ସମସ୍ତ ମଇଳା ଆବର୍ଜନା ପାଣି ରାସ୍ତା ଉପରେ ଜମି ରହି ଅଳ୍ପ ବର୍ଷା ହେଲେ ମଇଳା ଆବର୍ଜନା ସବୁ ପୁତିଗନ୍ଧମୟ ପରିବେଶ ସହ କାଦୁଅ ହୋଇ ରାସ୍ତାରେ ଯାତାୟାତରେ ସମସ୍ୟା ସୃଷ୍ଟି କରିଛି। ରାସ୍ତାରେ ଡ୍ରେନ ନିର୍ମାଣ ସହ ରାସ୍ତା ମରାମତି ପାଇଁ ଗ୍ରାମବାସୀ ଅନେକ ଥର କାଉଡୋଲା ସରପଞ୍ଚଙ୍କଠୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ। ଆଜି ପର୍ଯ୍ୟନ୍ତ ଏହାର ମରାମତି ହୋଇନାହିଁ। ରାସ୍ତାରେ ମଇଳା କାଦୁଅ ଯୋଗୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନେକ ସମୟରେ ଗାଡ଼ିମଟର ଯିବା ଆସିବାରେ ମଧ ବିଭିନ୍ନ ସମସ୍ୟା ଦେଖିବାକୁ ମିଳୁଛି। ଏହି ରାସ୍ତା ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ବାଗଙ୍କ ପ୍ରତିକ୍ରିୟା ନେବାରୁ ପଞ୍ଚାୟତ ପିଇଓଙ୍କୁ କହି ଡ୍ରେନ ଓ ରାସ୍ତା ମରାମତି କରିବାକୁ ପଞ୍ଚାୟତ ଅନୁଦାନରୁ ଶୀଘ୍ର ବ୍ୟବସ୍ଥା କରାଯିବା ନେଇ କହିଛନ୍ତି।

# ଜୈବିକ ପଦ୍ଧତିରେ କୃଷି ପାଇଁ ସଚେତନତା ଲୋଡା



ଦେଓଗାଁ ବ୍ଲକ ସଭାଗୃହରେ ନିରନ୍ତର କୃଷି କର୍ମଶାଳାରେ ଉପସ୍ଥିତ କର୍ମକର୍ତ୍ତା।

**ଦେଓଗାଁ,୧୯।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନିରନ୍ତର କୃଷି କାର୍ଯ୍ୟକ୍ରମର ଅନୁଭୂତି ସଂକଳନ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଫଇଏସର ଜିଲା ସଂଯୋଜକ ସୁଜିତ କୁମାର ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ କର୍ମଶାଳାରେ ସ୍ଥାନୀୟ ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଥମେ ଅତିଥି ଗଣ ଗଛ ଲଗାଇ ପାଣିଦେଇ ପରିବେଶ ସୁରକ୍ଷାର ବାର୍ତ୍ତାଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କର୍ମଶାଳାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଜୈବିକ ପଦ୍ଧତିରେ ଚାଷ କରିବା ନିତାନ୍ତ ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥିଭାବେ ଏଡିଓ ପ୍ରଶାନ୍ତ କୁମାର ମାହାନ୍ତି, ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆ, ମିଶନ ଶକ୍ତି ବିପିସି ଭକ୍ତି ଭୂଷଣ ପଣ୍ଡା, ଦେଓଗାଁ ବନାଞ୍ଚଳାଧିକାରୀ ଆଲୋକ ଚନ୍ଦ୍ର ମାଝୀ, ବିଡିଓ ସୁରେନ୍ଦ୍ର କୁମାର ମେହେର,ଏବିଡିଓ ପୁଷ୍ପାଞ୍ଜଳୀ ମେହେର, ଏପିଓ ସୁଧାଂଶୁ ଭୂଷଣ ମେହେର, ଗ୍ରାମପଞ୍ଚାୟତ ଅଧିକାରୀ ବୀଣା ପଧାନ, ବଲାଙ୍ଗୀର ବ୍ଲକ କୃଷି ଅଧିକାରୀ ସୁଜାତା ଛତ୍ରିଆ ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ଉପକାରିତା ଉପରେ ଆଲୋକପାତ କରିଥିଲେ । ଏ ଅବସରରେ ଉପସ୍ଥିତ କୃଷକ ସାଥୀ, ସିଏଲଏଫ ସଦସ୍ୟା, ଏମବିକେ, ସିଆରପିସିଏମ, ଅଗ୍ରଣୀ ଚାଷୀ ଯୋଗଦେଇ ଜୈବିକ ପଦ୍ଧତି ଆପଣେଇବା ପରେ ନିଜସ୍ୱ ଅନୁଭୂତି ପ୍ରକାଶ କରିଥିଲେ । ଜିଆରଏସ ତଥା କୃଷି କର୍ମଚାରୀ ଉପସ୍ଥିତ ଥିଲେ। ପରେ ୪ଟି ଗ୍ରୁପରେ ଭାଗହୋଇ ଏଫଇଏସର କାର୍ଯ୍ୟଧାରାକୁନେଇ ଦଳଗତ ଆଲୋଚନା ହୋଇଥିଲା। କର୍ମଶାଳାରେ ଗୁଡଭେଲା ମାଷ୍ଟର ଟ୍ରେନର ଭାଗବତ ନାହାକ, ଆଗଲପୁର ମାଷ୍ଟର ଟ୍ରେନର ମହେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### ୪ ବର୍ଷ ହେଲା ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ପଦବୀ ଖାଲି

**ଖଡ଼ିଆଲ,୧୯।୭(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ବରଗାଁ ଗ୍ରାମ ଉଚ୍ଚ ସ୍ୱାସ୍ଥ୍ୟ ଉପକେନ୍ଦ୍ର ୧୯୮୬ରୁ କାର୍ଯ୍ୟକାରୀ ହୋଇଆସୁଛି। ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୯୮୬ରେ ଜଣେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଭାବେ କୌଶଲ୍ୟା ନାଏକଙ୍କୁ ନିଯୁକ୍ତି ଦିଆଯାଇଥିଲା। ନାଏକ ଦୀର୍ଘ ୩୪ ବର୍ଷ କାଳ ଏହି କେନ୍ଦ୍ରରେ ଚାକିରୀ କରି ୨୦୧୯ ଏପ୍ରିଲ ୩୦ରେ ଅବସର ଗ୍ରହଣ କରିଥିଲେ। ତାଙ୍କ ଅସରଗ୍ରହଣର ଦୀର୍ଘ ୪ ବର୍ଷ ୩ ମାସ ଅତିବାହିତ ହୋଇଯାଇଛି। ଏଠାରେ ଏହି ପଦବୀ ପୂରଣ କରାଯାଇ ନାହିଁ। ପୁଣି ଏହି କେନ୍ଦ୍ରକୁ ୨୦୦୯ରୁ ପ୍ରସବ କେନ୍ଦ୍ର ଭାବେ ସରକର ଘୋଷଣା କରିଥିଲେ। ଫଳରେ ଦୈନିକ ୭ରୁ ୮ ଜଣ ମହିଳାଙ୍କ ପ୍ରସବ କରାଯାଉଥିଲା। ଏହି କେନ୍ଦ୍ରକୁ ଖଡ଼ିଆଳ ବ୍ଲକର ବରଗାଁ, ସାନମହେଶ୍ୱର, ଖୁଦପେଜ ସମେତ ବୋଡ଼େନ ବ୍ଲକର ଡ଼ମଝେର, କରଲାକୋଟ ଅଞ୍ଚଳରୁ ମହିଳାମାନେ ଆସି ପ୍ରସବ ହେଉଥିଲେ। ବର୍ତ୍ତମାନ ଜଣେ ମାତ୍ର ଏଏନଏମ ଖିଲପାଣି ଶବର କାର୍ଯ୍ୟ କରୁଛନ୍ତି। ଫଳରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନାନା ଅସୁବିଧା ହେଉଥିବା ଅଭିଯୋଗ ହୋଇଛି। ଏହି କେନ୍ଦ୍ରରେ ଅତିଶୀଘ୍ର ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ନିଯୁକ୍ତି କରିବା ପାଇଁ ବରଗାଁ ଗ୍ରାମବାସୀ ଦାବି କରିଛନ୍ତି।

### ଯୋରାଡବରା ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ

**କର୍ଲାମୁଣ୍ଡା,୧୯।୭(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଯୋରାଡବରା ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ବୁଧବାର ଉଦଘାଟିତ ହୋଇଯାଇଛି। ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଦେବରାଜ ରଣାଙ୍କ ଅଧକ୍ଷତାରେ ଅୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ସମ୍ମାନିତ ଅତିଥୁ ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ବିଡ଼ିଓ ସୂଚରିତା ମୁଗ୍ରୀ, ତହସିଲଦାର ମିଳନ କୁମାର ଝାଙ୍କର, କଳାହାଣ୍ଡି ବିସିସି ସଭାପତି ଗିରିଶ ଚନ୍ଦ୍ର ବେହେରା, ଡିଆରସିଏସ ପ୍ରମୋଦ କୁମାର ସାହୁ, ଏଆରସିଏସ ମଧୁସୂଦନ ମେହେର ପ୍ରମୁଖ ଯୋଗଦେଇଥିଲେ। କୃଷି ଓ କୃଷକଙ୍କ ଉନ୍ନତିରେ ସମବାୟ ସମିତିର ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଗଡା ସରପଞ୍ଚ ଦୀପ୍ତି ରାଣୀ ସାହୁ, ଜୋରାଡବରା ସରପଞ୍ଚ ଖିତିସୁତା ସାହୁ, ସମିତି ସଭ୍ୟା ରୀମା ସାହୁ, ବୋରପଦର ସରପଞ୍ଚ ସୁବାଷ ସାହୁ ପ୍ରମୁଖଙ୍କ ସହ ସାପଲହରା, ବୋରପଦର, ରେଗେଡାର ଓ ଯୋରାଡବରା ଚାଷୀମାନେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ସମ୍ପାଦକ ସୁମନ୍ତ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୩୧ଜଣ ରକ୍ତଦାତା ରକ୍ତଦାନ କରିଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

# କିସ୍ ପରିସରରେ ସ୍ୱାବଲମ୍ବୀ ତାଲିମ କାର୍ଯ୍ୟକ୍ରମ

ବଲାଙ୍ଗୀର, ୧୯।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କିସ୍ କ୍ୟାମ୍ପସ ଠାରେ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କିସ୍‌ର ଛାତ୍ରୀମାନଙ୍କୁ ଗତ ୫ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ତାଲିମ ଦିଆଯାଇଥିଲା। ଭୁବନେଶ୍ୱରରୁ ବଲାଙ୍ଗୀର କିସକୁ ଆସିଥିବା ୫ ଜଣିଆ ଟିମ୍ ତାଲିମ ପ୍ରଦାନ କରିଥିଲେ। ଡ. ଗୌରାଙ୍ଗ ଚନ୍ଦ୍ର ରାଉତ, ମଧୁସ୍ମିତା ସାହୁ, ପ୍ରକାଶ ଚନ୍ଦ୍ର ଦାସ, ଗୀତାଞ୍ଜଳି ବାରିକ ଓ ମୀର୍ନଭା ଜେନା ତାଲିମ ପ୍ରଦାନ କରିଥିଲେ। ତାଲିମ ସମୟରେ କିସ୍‌ର ପିଲା ମାନେ ପାଠ ପଢିବା ସହିତ କିଭଳି ସ୍ୱାବଲମ୍ବୀ ହେବେ ତାଲିମ ନେଇଥିଲେ। କେବଳ ପାଠପଢାରେ ସୀମିତ ନରହି ଆଦିବାସୀ ଛାତ୍ରୀମାନେ କିଭଳି ସ୍ୱାବଲମ୍ବୀ ହେବେ ସେଦିଗରେ ଧ୍ୟାନ କେନ୍ଦ୍ରିତ କରାଯାଇଛି। ବଲାଙ୍ଗୀର ଜିଲାର ଉପାନ୍ତ ଅଞ୍ଚଳରେ ରହୁଥିବା ଆଦିବାସୀ ଝିଅ ବଲାଙ୍ଗୀର କିସ ଠାରେ ପାଠପଢି ସ୍ୱାବଲମୀ ହେବାକୁ ତାଲିମ ନେଉଛନ୍ତି। ସୁନ୍ଦର କାରୁକାର୍ଯ୍ୟରେ କିଏ ଚାନ୍ଦୁଆ ତିଆରି କରୁଛି ତ ଆଉ କିଏ ସିଲେଇ ଶିଖିଛନ୍ତି। ସିଲେଇ ପାଇଁ ଦିଆଯାଇଥିଲା ସ୍ୱତନ୍ତ୍ର ତାଲିମ । ବଲାଙ୍ଗୀର ଜିଲାରେ ୨୦୧୯ ମସିହାରୁ ପ୍ରତିଷ୍ଠିତ କିସ୍ ଶାଖାରେ ଆଦିବାସୀ ପିଲାମାନେ ପାଠ ପଢୁଛନ୍ତି। ଆଦିବାସୀ ପିଲାଙ୍କ ଭିତରେ ଏକତା ଆଣିବା ଓ ସଚେତନ କରିବା ପାଇଁ କିସ କ୍ୟାମ୍ପସରେ ମଞ୍ଚସ୍ଥ ହେଇଥିଲା ନାଟକ ଶାନ୍ତି ସନ୍ଦେଶ । ଆଜିର ସମାଜରେ ଧର୍ମ ଧର୍ମ ଭିତରେ ଲଢେଇ । ଜାତି ଜାତି ଭିତରେ ବିବାଦ । ଏସବୁକୁ ଲୋପ କରିବା ପାଇଁ ଏପରି ସଚେତନମୂଳକ ନାଟକ ପରିବେଷଣ କରିଥିଲେ କିସ୍ ଛାତ୍ରୀ। ଏହା ସହିତ କୁଇ ଭାଷାରେ ଗୀତ ବି ଗାଇଥିଲେ । ଆଦିବାସୀ ପିଲାମାନେ କିସ ଓ କିଟ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ତାଲିମର ଶେଷ ଦିନରେ କିସ କ୍ଲାମ୍ପସରେ ଏକ ବୈଠେକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଅଧାପକ ପ୍ରମୋଦ କୁମାର ସାହୁ, ଆଇନଜୀବୀ ପ୍ରିୟରଞ୍ଜନ ବହିଦାର ଯୋଗ ଦେଇଥିଲେ। ଚିତ୍ତ ରଞ୍ଜନ ମିଶ୍ର ସଭା ପରିଚାଳନା କରିଥିବାବେଳେ କିସ ଏସିଇଓ ରାଜ କୁମାର ପୂଜାରୀ, ଶୈଳେଶ କୁମାର ସାହୁ, ଏଏଓ ଦେବୀ ପ୍ରସାଦ ମିଶ୍ର ସହଯୋଗ କରିଥିଲେ। ସଭାକାର୍ଯ୍ୟରେ କିସ୍‌ର ପ୍ରଧାନ ଶିକ୍ଷକ ଆକାଶ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଅଧିକାରୀ ଯୋଗ ଦେଇଥିଲେ।



ବଲାଙ୍ଗୀର କିସ୍ ପରିସରରେ ଆମନ୍ତ୍ରିତ ଅତିଥିଙ୍କ ସହ ଛାତ୍ରୀ।

# ମଦ ବିକ୍ରି ବନ୍ଦ ପାଇଁ ଜିଲାପାଳଙ୍କୁ ଫେରାଦ

ବଲାଙ୍ଗୀର,୧୯।୭
(ବୀରେନ୍ଦ୍ର କୁମାର ଝାଙ୍କର)



ଜିଲାପାଳ କାର୍ଯ୍ୟାଳୟକୁ ମଦବିକ୍ରି ବନ୍ଦ ଦାବି ନେଇ ଆସିଥିବା ମୁରିବାହାଲ ବ୍ଲକ୍ ବଡଉଡାର ଗ୍ରାମର ମହିଳାମାନେ।

**କୁଟିଆ ମଦ ପ୍ରାଦୁର୍ଭାବରେ ବଡଉଡାରବାସୀ ଅତିଷ୍ଠ**

- ଛୋଟ ପିଲା ପିଇଲେଣି ଦେଶୀ ମଦ
- ଗାଁରେ ଲାଗି ରହିଛି ଅଶାନ୍ତ ପରିବେଶ
- ବ୍ଲକ୍ ପ୍ରଶାସନ, ସ୍ଥାନୀୟ ପୋଲିସ ନୀରବ

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ବଡଉଡାର ଗ୍ରାମର ବହୁ ମହିଳା ବୁଧବାର ଜିଲାପାଳ କାର୍ଯ୍ୟାଳୟ ଆସିଥିଲେ। ଜିଲାପାଳଙ୍କୁ ଭେଟି ଗାଁରେ ମଦ ବନ୍ଦ କରିବାକୁ ନିବେଦନ କରିଥିଲେ। କୁଟିଆ ମଦର ବହୁଳ ବ୍ୟବହାର ଫଳରେ ବଡଉଡାର ଗାଁରେ ଏବେ ଘୋର ଅଶାନ୍ତି ଦେଖାଯାଇଛି। ବିଶେଷକରି ମହିଳାମାନେ ଏନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁର କେତେଜଣ ଲୋକ କୁଟିଆ ମଦ ଦୋକାନ ଖୋଲି ଗାଁରେ ମଦର ବହୁଳ ବିକ୍ରି କରୁଛନ୍ତି। ଗାଁର ୱାର୍ଡମେମ୍ବର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ମଦ ବିକ୍ରି ବନ୍ଦ କରିବାକୁ କହିଲେ ମଧ ଶୁଣୁ ନାହାନ୍ତି। ମଦର ବହୁଳ ବ୍ୟବହାର ଯୋଗୁଁ ଗାଁରେ ଏବେ ଅଶାନ୍ତି ପରିବେଶ ସୃଷ୍ଟି ହୋଇଛି। ଛୋଟ ପିଲାମାନେ ମଧ ଏହି କୁଅଭ୍ୟାସରେ ପଡିଯାଇଛନ୍ତି। ଫଳରେ ଘରେ ଘରେ ବିବାଦ ଏବଂ ଅଶାନ୍ତି ଦେଖାଯାଇଛି। ଏଦିଗରେ ଗ୍ରାମର ମହିଳାମାନେ ସଂଘବଦ୍ଧ ଭାବେ ବ୍ଲକ୍ ବିଡିଓ ଏବଂ ସ୍ଥାନୀୟ ଥାନା ପୋଲିସକୁ ଖବର କରି ମଦବିକ୍ରି ବନ୍ଦ କରିବାକୁ ଅନୁରୋଧ କରଥିଲେ ମଧ ଏଦିଗରେ କେହି କୌଣସି ପଦକ୍ଷେପ ନେଇ ନ ଥିଲେ। ଗତ ମେ ମାସରେ ମହିଳାମାନେ ଥାନାରେ ଲିଖିତ ଜଣାଇଥିଲେ ମଧ ପୋଲିସ କୁଟିଆ ମଦ ବିକ୍ରେତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଫଳରେ ଗାଁରେ ମଦ ବିକ୍ରେତାମାନେ ମଦ ବିକ୍ରି ବନ୍ଦ କରିବା ପରିବର୍ତ୍ତେ ଅଧିକ ଉତ୍ସାହିତ ହୋଇ ଖୋଲାଖୋଲି ମଦ ବିକ୍ରି କରିଥିଲେ। ମଦୁଆଙ୍କ ପ୍ରାଦୁର୍ଭାବରୁ ମହିଳାମାନେ ରାସ୍ତାଘାଟରେ ଚାଲିବାକୁ ମଧ ଭୟ କରୁଥିବା ଅଭିଯୋଗ କରିଛନ୍ତି। ଯଦି ଗାଁରେ ଏଭଳି ଚାଲେ ତେବେ ଗାଁରେ ମହିଳା ଓ ମଦ ପିଉନଥିବା ଲୋକେ ରହିପାରିବେ ନାହିଁ ବୋଲି ମହିଳାମାନେ କହିଛନ୍ତି। ଜିଲାପାଳଙ୍କୁ ଏହି ବିଷୟ ଜଣାଇବାକୁ ବଲାଙ୍ଗୀର ଆସିଥିବା ଗଣମାଧମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ଏଦିଗରେ ତୁରନ୍ତ ଜିଲାପାଳ ବିହିତ ପଦକ୍ଷେପ ନେବେ ବୋଲି ମହିଳାମାନେ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ୭ ଦିନ ପରେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**ବରପାଲି,୧୯।୭ (ଚିତ୍ତରଞ୍ଜନ ସାହୁ):** ନିଖୋଜର ସାତ ଦିନ ପରେ ବରଗଡ ଜିଲା ବରପାଲି ଥାନା କୁମ୍ଭାରୀ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଗାଁର ଟିକେଲାଲ ସାହୁ। ସାତଦିନ ତଳେ କ୍ଷେତକୁ ଯାଉଛି କହି ସେ ଘରୁ ବାହାରି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ତାଙ୍କର ପତ୍ତା ନ ପାଇବାରୁ ବରପାଲି ଥାନାରେ ଅଭିଯୋଗ କରିଥିଲେ। ହେଲେ ତାଙ୍କ ମୂଡାରେ ଟିକେଲାଲଙ୍କ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ସଷ୍ଟ ହେବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

### ମୁକ୍ତା ଯୋଜନାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ବରପାଲି,୧୯।୭ (ଚିତ୍ତରଞ୍ଜନ ସାହୁ):** ମହିଳା ସଶକ୍ତିକରଣ ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିବା ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନା ଉପରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନା ଉପରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତଥା ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ମହିଳାମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନଗରପାଳ ଦୀନେଶ ଗହୀର, ସମ୍ମାନିତ ଅତିଥି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ ଯୋଗଦେଇଥିଲେ। ପ୍ରିୟବ୍ରତ ପଣ୍ଡା, ଜାଗୃତି ସିଂହ, ଅପରାଜିତା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାଙ୍କ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ବରପାଲି ବ୍ଲକ ଓ ସହରାଞ୍ଚଳର ବିଭିନ୍ନ ଏସ୍ଏଚ୍ଜି ଗ୍ରୁପ ଓ ମିଶନ ଶକ୍ତିର ମହିଳାମାନେ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଉପଯୋଗ କରି ମହିଳାମାନେ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦିଆଯାଇଥିଲା।

### ଗୋଟିଏ ରାତିରେ ୫ ଚୋରି

**ପଦ୍ମପୁର,୧୯।୭(ପ୍ରଦୀପ୍ତ ଦାଶ ):** ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅଧିନ ଲଖମରା, ସରେଇକେଲା ଗ୍ରାମରେ ଗୋଟିଏ ରାତିରେ ପାଞ୍ଚଟି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଲଖମରା ଗ୍ରାମର ରମାକାନ୍ତ ମିଶ୍ର, ପ୍ରମୋଦ ପ୍ରଧାନ, ମିଥୁନ ମେହେରଙ୍କ ଦୋକାନରୁ ଚୋରି ହୋଇଛରା। ଗଜପତି ପୃଷ୍ଟିଙ୍କ ତାଲା ଭଙ୍ଗା ଯାଇଛି। ସେହିପରି ସରେଇକେଲା ଗ୍ରାମର ଭୀଷ୍ମଦେବ ବେହେରାଙ୍କ ଦୋକାନରୁ ଚୋରି ହୋଇଛି। ଥାନା ଅଧିକାରୀ ସୁଷମା କୁଅଁର ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୋକାନ ଓ ରାସ୍ତାପାର୍ଶ୍ୱରେ ଥିବା ଦୋକାନର ସିସିଟିଭି ଫୁଟେଜ ଯାଞ୍ଚ କରିଛନ୍ତି। ବରଗଡରୁ ଅର୍ଜ୍ଜୁନ ଶିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁସନ୍ଧାନୀ କୁକୁର ଆସି ଅନୁସନ୍ଧାନ କରିଥିଲେ। ତଦନୁସାରେ ସମସ୍ତ ଚୋରି ଗୋଟିଏ ଟିମ କରି ଛତିଶଗଡ ଆଡକୁ ଫେରାର ମାରିଥିବା ଅନୁମାନ କରାଯାଏ। ଚୋର ଖୁବ ଶୀଘ୍ର ଧରାପଡବେ ବୋଲି ଥାନା ଅଧିକାରୀ ସୁଷମା କୁଅଁର କହିଛନ୍ତି।

### ୨୬୧ ଦିନରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ଧାରଣା

**ପଦ୍ମପୁର,୧୯।୭(ପ୍ରଦୀପ୍ତ ଦାଶ):** ବରଗଡ ଜିଲା ପଦ୍ମପୁର ଉପ ଜିଲାପାଳଙ୍କ ଅଫିସ ସମ୍ମୁଖରେ କୃଷକ ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବିକୁ ନେଇ ଚାଲିଥିବା ଧାରଣା ୨୬୧ ଦିନରେ ପହଞ୍ଚିଛି। ବୁଧବାର ସଂଗଠନ ତରଫରୁ ସମସ୍ତ ବ୍ଲକ ନେତୃମଣ୍ଡଳୀମାନଙ୍କ ବୈଠକ ବସିଥିଲା। ପଦ୍ମପୁର କ୍ରିୟାନୁଷ୍ଠାନ କମିଟି ଆସନ୍ତା ୨୧ଜୁଲାଇରେ ପଦ୍ମପୁର ସତନ୍ତ୍ର ଜିଲା ପ୍ରସଙ୍ଗରେ ଆଲୋଚନା ପାଇଁ ନିମନ୍ତ୍ରିତ ହୋଇଥିବାରୁ ବୈଠକରେ ସଂଗଠନ ପ୍ରତିନିଧି ଯୋଗ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଆନ୍ଦୋଳନକୁ ପ୍ରତ୍ୟେକ ଲୋକଙ୍କ ପାଖରେ ଯେମିତି ପହଞ୍ଚି ପାରିବ ସେଥିପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ବୈଠକରେ ବାଞ୍ଛାନିଧି ନାୟକ, ଅଶୋକ ସାହୁ, ରୋହିତ ପଧାନ, କୈଳାସ ବାରିକ, ପଞ୍ଚାନନ ସାହୁ, ଅରବିନ୍ଦ ପଣ୍ଡା, ଆନନ୍ଦ ପଧାନ, ସାମନ୍ତ ସାହୁ, ଅରକ୍ଷିତ ସାହୁ, ରମେଶ ମହାପାତ୍ର, ଲିଙ୍ଗରାଜ ପଧାନ, ଭୁବନେଶ୍ୱର ପଧାନ ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ୧୨ ଘଣ୍ଟା ବୀରମହାରାଜପୁର ବନ୍ଦ




ବୀରମହାରାଜପୁର ବନ୍ଦ ପାଳନ ବେଳେ ଏଏପି କର୍ମକର୍ତ୍ତା ନାରାବାଜି କରୁଛନ୍ତି।



ବନ୍ଦ ପାଳନ ବେଳେ ଶୂନ୍‌ଶାନ୍ ମୁଖ୍ୟ ବଜାର।

**ଅମରପାଲି,୧୯।୭(ପୀତାମ୍ବର ସାହୁ)**

**ବୀରମହାରାଜପୁରକୁ ଏନଏସି ଘୋଷଣା ଦାବିରେ ଏଏପି ଦେଇଥିଲା ବନ୍ଦ ଡାକରା**

- ■ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ
- ■ପରୀକ୍ଷା, ନାମଲେଖା ପାଇଁ ଖୋଲା ରହିଲା ସ୍ଥାନୀୟ କଲେଜ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ଦାବିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ପକ୍ଷରୁ ବୁଧବାର ଦିଆଯାଇଥିବା ୧୨ ଘଣ୍ଟିଆ ବୀରମହାରାଜପୁର ବନ୍ଦ ପାଳନ ସଫଳ ହୋଇଛି । ବନ୍ଦ ପାଳନ ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ । ଏନଏସି ମାନ୍ୟତା ସମେତ ୧୫ ଦଫା ଦାବି ନେଇ ଆମ୍ ଆଦ୍‌ମୀ ପାର୍ଟି ଜିଲା ସଭାପତି ସୁରେଶ କଲତାଙ୍କ ନେତୃତ୍ୱରେ କର୍ମୀମାନଙ୍କ ପକ୍ଷରୁ ଦୀର୍ଘ ୧୫ ଦିନ ଧରି ବୀରମହାରାଜପୁର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ମଙ୍ଗଳବାର ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଧାରଣାସ୍ଥଳକୁ ଆସି ଧାରଣା ପ୍ରତ୍ୟାହାର କରିବାକୁ ପରାମର୍ଶ ଦେବା ସହିତ ଭିନ୍ନ ଢଙ୍ଗରେ ଆନ୍ଦୋଳନ ଜାରି ରଖିବାକୁ କହିଥିଲେ। ଫଳରେ ଦାବି ପୂରଣ ପାଇଁ ବୀରମହାରାଜପୁର ବନ୍ଦ ଡାକରା ଦିଆଯାଇଥିଲା। ସକାଳ ୬ଟାରୁ ଆମ୍ ଆଦ୍‌ମୀ ପାର୍ଟିର କର୍ମକର୍ତ୍ତାମାନେ ପିକେଟିଂ କରି ଦୋକାନ ବଜାର ସହ ଗାଡିମୋଟର ଚଳାଚଳ ବନ୍ଦ କରିଥିଲେ। ଦୋକାନ ବଜାର, ଯାନବାହାନ, ସ୍କୁଲ, କଲେଜ, ଅଫିସ, କୋର୍ଟ କଚେରୀ ବନ୍ଦ ରହିଥିଲା। ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ,ତହସିଲ କାର୍ଯ୍ୟାଳୟ, ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ୟାଙ୍କ, କୋର୍ଟ କଚେରୀ ଆଦି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ବୀରମହାରାଜପୁର କଲେଜରେ ବୁଧବାର ଯୁକ୍ତ ୩ ପରୀକ୍ଷା ହେଉଥିବା ଏବଂ ନାମଲେଖା ପ୍ରକ୍ରିୟା ଚାଲୁଥିବାରୁ ଏହା ସ୍ୱାଭାବିକ ରହିଥିଲା। ମାତ୍ର କଲେଜକୁ ଅନ୍ୟ ଶ୍ରେଣୀର ଛାତ୍ରୀଛାତ୍ର ଆସି ନ ଥିବାରୁ କୌଣସି କ୍ଲାସ ହୋଇ ନ ଥିବା ସୂଚନା ମିଳିଛି। ବନ୍ଦ ଯୋଗୁ ବୀରମହାରାଜପୁରରୁ ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲ। ବୀରମହାରାଜପୁରରୁ ସୋନପୁର, ବୌଦ୍ଧ, ରେଢାଖୋଲ, ସମ୍ବଲପୁର, ବଲାଙ୍ଗୀର, ବିନିକା, ବରଗଡ, ଉଲୁଣ୍ଡା ଆଦି ଅଞ୍ଚଳକୁ ବସ୍ ଚଳାଚଳ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ବନ୍ଦ ଯୋଗୁ ରାସ୍ତାରେ ଅନେକ ଗାଡିମୋଟର ଅଟକି ରହିଥିଲା। ବନ୍ଦ ପାଳନ ବେଳେ ଜରୁରୀକାଳୀନ ସେବାକୁ ବନ୍ଦ ପାଳନରୁ ବାଦ୍ ଦିଆଯାଇଥିଲା। ବନ୍ଦ ପାଳନରେ ଆମ୍ ଆଦ୍‌ମୀ ପାର୍ଟି ଜିଲା ସଭାପତି କଲତା, ପୃଥ୍ୱୀରାଜ ଜଗଦଲା, ଘନଶ୍ୟାମ ଭୋଇ, ହାଡୁ ମେଣ୍ଡିଲି, ପ୍ରଦୀପ ଭୋଇ, ରାଜୁ କଲତାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ବୀରମହାରାଜପୁରର ବିଭିନ୍ନ ଛକ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ୧ ମାସ ମଧ୍ୟରେ ବୀରମହାରାଜପୁରକୁ ଏନଏସି ଘୋଷଣା ନ କଲେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଚେତାବନୀ ଦିଆଯାଇଛି।

## ପ୍ରଶିକ୍ଷଣ ନେଲେ ୧୩୦ ଶିକ୍ଷୟିତ୍ରୀଶିକ୍ଷକ

**ପଦ୍ମପୁର,୧୯।୭(ପ୍ରଦୀପ୍ତ ଦାଶ )**

**ଉତ୍କର୍ଷ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ**

ବରଗଡ ଜିଲା ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଉତ୍କର୍ଷ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ବିଜ୍ଞାନ ଓ ଇଂଲିଶ ବିଭାଗର ଆରମ୍ଭ ହୋଇଛି। ବିଜ୍ଞାନ ବିଭାଗରେ ଉପ ଜିଲାପାଳ ସଦାକର କୁମ୍ଭାର ଏବଂ ଇଂଲିଶ ବିଭାଗରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ରାଜବୋରାସମ୍ବର୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି ଯୋଗଦେଇଥିଲେ। ସୁରେନ୍ଦ୍ର କୁମାର ଭୋଇ ସଭା ପରିଚାଳନା କରିଥିଲେ। ପାଇକମାଳ ବରିଷ୍ଠ ଶିକ୍ଷା ଗୋଷ୍ଠୀ ଅଧିକାରୀ ଚୂଡ଼ାମଣି ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ବିଜ୍ଞାନ ବିଭାଗରେ ଟୁନା କର୍ଣ୍ଣ ଓ ସଞ୍ଜୀବ କୁମାର ପ୍ରଧାନ ଏବଂ ଇଂଲିଶରେ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଓ ଯତୀନ୍ଦ୍ର ଦୀପ ଆର୍.ପିଭାବେ ପ୍ରଶିକ୍ଷଣ ଦେଇଥିଲେ। ପଦ୍ମପୁର ଉପଖଣ୍ଡର ୧୩୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସଫଳ ପୂର୍ବକ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

## ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲରେ ତାଲା ପକାଇ ଧାରଣା



ପିଲାମାନେ ଧାରଣାରେ ବସିଛନ୍ତି।

**କଣ୍ଟାମାଳ,୧୯।୭(ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଖଟଖଟିଆ ପଞ୍ଚାୟତର ବ୍ରାହ୍ମଣୀ ବିଦ୍ୟାଳୟରେ ବୁଧବାର ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲରେ ତାଲା ମାରି ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ଦେଇଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟର ୩ ଜଣ ଶିକ୍ଷକଙ୍କ ମଧ୍ୟରୁ ସଞ୍ଜୀବ କୁମାର କର୍ଣ୍ଣଙ୍କୁ ପଦୋନ୍ନତି ଦିଆଯାଇଥିବା ବେଳେ ଅନ୍ୟତ୍ର ବଦଳି କରାଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ଦେଇ ଧାରଣାରେ ବସିଥିଲେ। ନୂତନ ଶିକ୍ଷକ ନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ଯୁଧିଷ୍ଠିର ପ୍ରଧାନ ଏବଂ ଛାତ୍ରୀଛାତ୍ରମାନେ କହିଛନ୍ତି।ଏହି ସ୍କୁଲରେ ମୋଟ ୭୦ଜଣ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ଏଠାରେ ୫ ଜଣ ଶିକ୍ଷକ ଥିଲେ। ବହୁ ପୂର୍ବରୁ ୨ ଜଣ ଶିକ୍ଷକଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯାଇଛି। ମୋଟ ୩ ଜଣ ଶିକ୍ଷକ ଥାଇ ୮ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପଢା ଯାଉଥିଲା। ବର୍ତ୍ତମାନ ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କୁ ପଦୋନ୍ନତି ଆଳରେ ବଦଳି କରାଯାଇଥିବା ବେଳେ ଅନ୍ୟ କାହାକୁ ଏଠାକୁ ପଠାଯାଇଥିବା ନିର୍ଦ୍ଦେଶ ନାହିଁ।

## ଗୃହ ଋଣ ପରିଶୋଧ ନ କରିବାରୁ କାର୍ଯ୍ୟାନୁଷ୍ଠାନ



କେନ୍ଦୁପାଲି ରାସ୍ତାରେ ବିଦ୍ୟାଧର ମେହେରଙ୍କ ଘର ସିଲ ବେଳେ ପୋଲିସ ଓ ପ୍ରଶାସନ।

**ଅମରପାଲି,୧୯।୭(ପୀତାମ୍ବର ସାହୁ)**

- ■ପୋଲିସ, ପ୍ରଶାସନ ଉପସ୍ଥିତିରେ ସିଲ୍ ହେଲା ଘର
- ■୨୦୧୫ରୁ ବ୍ୟାଙ୍କରୁ ନେଇଥିଲେ ୬ ଲକ୍ଷ ଟଙ୍କା ଗୃହ ଋଣ
- ■ବାରମ୍ବାର ନୋଟିସ ପରେ ବି ପରିଶୋଧ କରୁ ନ ଥିଲେ

ଉତ୍କଳ ଗ୍ରାମବ୍ୟାଙ୍କରୁ ଗୃହ ଋଣ ନେଇ ବାରମ୍ବାର ନୋଟିସ ପରେ ମଧ ଋଣ ପରିଶୋଧ କରୁ ନ ଥିବାରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୁଖ୍ୟାଳୟଠାରେ ଥିବା ବିଦ୍ୟାଧର ମେହେର ନାମକ ଜଣେ ବ୍ୟବସାୟୀଙ୍କ ଘରକୁ ବୁଧବାର ବ୍ୟାଙ୍କ କର୍ତ୍ତୃପକ୍ଷ ସିଲ୍ କରିଛନ୍ତି । ବୀରମହାରାଜପୁର ଉପକଣ୍ଠ ଚମ୍ପାପୁର ନିବାସୀ ବିଦ୍ୟାଧର ଉତ୍କଳ ଗ୍ରାମ୍ୟବ୍ୟାଙ୍କରୁ ଗତ ୧୬ ଜାନୁୟାରୀ ୨୦୧୫ରେ ମାସିକ ୯.୭୫ ପ୍ରତିଶତ ସୁଧରେ ୬ ଲକ୍ଷ ଟଙ୍କା ଗୃହଋଣ ନେଇଥିଲେ। ମାତ୍ର ସେ ସମୟ ଅବଧି ମଧ୍ୟରେ ଉକ୍ତ ଗୃହ ଋଣ ପରିଶୋଧ କରି ପାରି ନ ଥିଲେ। ତାଙ୍କୁ ବ୍ୟାଙ୍କ ତରଫରୁ ଋଣ ପରିଶୋଧ କରିବା ପାଇଁ ବାରମ୍ବାର ନୋଟିସ କରାଯାଇଥିଲା। ମାତ୍ର ଋଣ ନେଇଥିବା ବିଦ୍ୟାଧର ଋଣ ପରିଶୋଧ କରି ନ ଥିଲେ। ଶେଷରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଡକାଇ ଋଣ ପରିଶୋଧ ନ କଲେ ଘର ସିଲ୍ ହେବ ବୋଲି ଜଣାଇଥିଲେ । ଏହାସତ୍ତ୍ୱେ ଋଣ ପରିଶୋଧ ନ କରିବାରୁ ବୁଧବାର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ସ୍ଥାନୀୟ ପୋଲିସ ଓ ପ୍ରଶାସନର ସହାୟତାରେ ବୀରମହାରାଜପୁର କେନ୍ଦୁପାଲି ରାସ୍ତାରେ ଥିବା (ଘର ଖାତା ନଂ ୪୧୧/୧୮୩ ଓ ପ୍ଲଟ ନଂ ୧୬୬୧ )ଆବାସିକ ଗୃହ ଓ ବ୍ୟବସାୟିକ ଘରକୁ ସିଲ୍ କରିଥିବା ଜଣାଯାଇଛି । ଘର ସିଲ୍ ବେଳେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ରିଜୋନାଲ ମ୍ୟାନେଜର କୈଳାସ ଚନ୍ଦ୍ର ମିଶ୍ର, ବୀରମହାରାଜପୁର ତହସିଲଦାର ବିଭୁଦ ଗଡ଼ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣି ଭୋଇ, ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ, ସତ୍ୟନାରାୟଣ ମେହେର, ବୀରମହାରଜପୁର ଉତ୍କଳ ବ୍ୟାଙ୍କ ଶାଖା ପରିଚାଳକ ଦେବେନ୍ଦ୍ର ମାଟିଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ଉତ୍କଳ ଗ୍ରାମ୍ୟ ବ୍ୟାଙ୍କଠାରୁ ବିଦ୍ୟାଧର ନେଇଥିବା ଋଣ ମୂଳ, ସୁଧ ଓ ଚକ୍ରବର୍ତ୍ତି ସୁଧ ମିଶାଇ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଆଗକୁ ଆହୁରି ୪–୫ ଜଣ ଋଣ ଖିଲାପିଙ୍କ ସ୍ଥାବର ସମ୍ପତ୍ତି ସିଜ୍ କରାଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି।

## ପରିବହନ ବିଭାଗର ଧରପଗଡ଼

**ସୋନପୁର,୧୯।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ନିଷ୍ପତ୍ତି ଅନୁସାରେ ପରିବହନ ବିଭାଗ ପକ୍ଷରୁ ଧରପଗଡ଼କୁ ଜୋରଦାର କରାଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ସୋନପୁର ପାଣିସିଆଲିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ(କେ.ଭି) ସମ୍ମୁଖ ରାସ୍ତାରେ ବୁଧବାର ସକାଳେ ସ୍ପେଶାଲ ଡ୍ରାଇଭ୍ କରାଯାଇଥିଲା। ୧୮ ବର୍ଷରୁ କମ୍ ବୟସର ପିଲାମାନେ ସ୍କୁଟି ଧରି ବେଆଇନ ଭାବେ ବିଦ୍ୟାଳୟ ଯାଉଥିବା ଦେଖିବାକୁ ମିଳିଥିଲା। ପରିବହନ ବିଭାଗ ପକ୍ଷରୁ ନାବାଳକ ଚଳାଉଥିବା ୨ଟି ସ୍କୁଟିକୁ ଜବତ କରାଯାଇଛି। ସେମାନଙ୍କୁ ସଚେତନ କରାଯିବା ସହ ୨୫ ହଜାର ଟଙ୍କା ଲେଖାଏ ମୋଟ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଛାତ୍ରୀଛାତ୍ରଙ୍କୁ ବିପଦପୂର୍ଣ୍ଣ ଭାବେ ବିଦ୍ୟାଳୟ ନେଉଥିବା ୧୦ଟି ଅଟୋ/ମାରୁତି ଭ୍ୟାନ୍‌ର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଅଟୋଗୁଡିକର ଫିଟନେସ, ଇନ୍‌ସ୍ୟୁରାନ୍ସ ଓ ପରମିଟ୍ ନ ଥିବାରୁ ମୋଟ ୬୮ ହଜାର ଟଙ୍କା ଫାଇନ କରାଯାଇଛି। ଜୁନିୟର ଏମ୍‌ଭିଆଇ ବିଶ୍ୱ ପ୍ରସାଦ ସାହୁ ଓ ଟ୍ରାଫିକ୍ ସବ୍ ଇନ୍ସପେକ୍ଟର ପୂଜା ଭେଙ୍ଗ୍ରା ସୋନପୁର–ବିନିକା ରାସ୍ତାର ପାଣିସିଆଲି ନିକଟରେ କେନ୍ଦ୍ରୀୟ ବିଦ୍ୟାଳୟକୁ ଆସୁଥିବା ଯାନବାହାନଗୁଡିକର କାଗଜପତ୍ର ତନଖି କରିଥିଲେ। ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ପର୍ଯ୍ୟାୟ କ୍ରମେ ସହରର ଅନ୍ୟ ବିଦ୍ୟାଳୟ ସମ୍ମୁଖରେ ଯାନବାହାନଗୁଡିକୁ ତନଖି କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଲଗାଣ ବର୍ଷା: ଭାଙ୍ଗିଲା ଘର



ବର୍ଷାରେ ଭାଙ୍ଗି ଯାଇଥିବା ଘର।

**ଘଣ୍ଟାପଡା,୧୯।୭(ପ୍ରଭାତ କୁମାର ସାହୁ)**

ଗତ ୩ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ହେବା ଫଳରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ଗ୍ରାମର ପାଣ୍ଡବ କହଁରଙ୍କ ଘର ଭାଙ୍ଗିଯାଇଛି। ପାଣ୍ଡବ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ଏକ ଝାଟିମାଟି ଚାଳ ଛପର ଘରେ ସେ ପରିବାର ସହ ରହୁଥିଲେ। ମଙ୍ଗଳବାର ରାତିରେ ପ୍ରବଳ ବର୍ଷା ହେବାରୁ ଘର ଭାଙ୍ଗି ଯାଇଥିଲା। ଏବେ ସେ ଅସହାୟ ଅବସ୍ଥାରେ ସ୍ତ୍ରୀ ଓ ଏକମାତ୍ର ଶିଶୁ କନ୍ୟା ଧରି ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ତାଙ୍କୁ ତୁରନ୍ତ ସରକାରୀ ସହାୟତା ସମେତ ବାସଗୃହ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଚକବନ୍ଦୀ, ବନ୍ଦୋବସ୍ତ ଆୟୁକ୍ତଙ୍କ କୋର୍ଟ ଉଦ୍‌ଘାଟିତ

**ବରଗଡ଼,୧୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ବୁଧବାର ଜିଲା ଅତିରିକ୍ତ ଚକବନ୍ଦୀ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ କୋର୍ଟ ଉଦ୍‌ଘାଟିତ ହୋଇଛି। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡ଼ିସି) ସୁରେଶ ଚନ୍ଦ୍ର ଦଲାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ କଚେରୀ ପରିସରରେ ରହିଥିବା ଉପଜିଲାପାଳଙ୍କ ଅଫିସ୍ ନିକଟରେ ଏହି କୋର୍ଟ ବର୍ତ୍ତମାନ ଅସ୍ଥାୟୀଭାବେ ଚାଲିବ। ପରେ ଉକ୍ତ କୋର୍ଟର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଏଠାରେ ଏହି କୋର୍ଟ ଉଦ୍‌ଘାଟନ ହେବା ଯୋଗୁ ଆଉ ଜମିଜମା ରେକର୍ଡ଼ ପାଇଁ ସମ୍ବଲପୁର ଯିବାକୁ ପଡ଼ିବ ନାହିଁ ଏବଂ ଏହି କୋର୍ଟ ଦ୍ୱାରା ବରଗଡ଼ ସମେତ ସୁବର୍ଣ୍ଣପୁର ଏବଂ ବଲାଙ୍ଗିର ଜିଲାର ଲୋକେ ମଧ୍ୟ ଉପକୃତ ହୋଇ ପାରିବେ ବୋଲି ଆରଡ଼ିସି ଦଲାଇ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ, ସଂଘର ଅନ୍ୟ କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ଏବଂ ଉପଜିଲାପାଳ ଲଲାଟ କୁମାର ଲୁହାଙ୍କ ସମେତ ସ୍ଥାନୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ନୋଟିସ ପରେ ବଡ଼ବଜାର ରାସ୍ତା ପାର୍ଶ୍ୱରୁ ହଟିଲା ଜବରଦଖଲ

**ସୋନପୁର,୧୯।୭(ମୃତ୍ୟୁଞ୍ଜୟ ଶତପଥୀ)**



ଗୃହ ମାଲିକମାନେ ଡ୍ରେନ୍ ଉପରୁ ଜବରଦଖଲ ମୁକ୍ତ କରୁଛନ୍ତି।

- ■ଗଙ୍ଗାଧର ମେହେର ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ହେବ
- ■ଜିଲାପାଳଙ୍କ କ୍ଷେତ୍ରୀୟ ଅନୁଧ୍ୟାନ ପରେ ତତ୍ପରତା

ପୌର ପରିଷଦ ପକ୍ଷରୁ ନୋଟିସ ମିଳିବା ପରେ ବୁଧବାର ସୁବର୍ଣ୍ଣପୁର ସହରର ବଡବଜାର ଅଞ୍ଚଳରେ ୫୭ଜଣ ଜବରଦଖଲକାରୀ ନିଜେ ନିଜେ ଜବରଦଖଲ ହଟାଉଥିବା ଦେଖିବାକୁ ମିଳିଛି । ସହରର ଗୁରୁତ୍ୱପୂର୍ଣ୍ଣ ବଡବଜାର ରାସ୍ତା ପାର୍ଶ୍ୱ ଡ୍ରେନ୍ ଜବରଦଖଲକାରୀଙ୍କ କବ୍‌ଜାରେ ଥିଲା। ପୂର୍ବରୁ ଗଙ୍ଗାଧର ମେହେର ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଡାହାଣ ପାର୍ଶ୍ୱ ଡ୍ରେନ୍‌ରୁ ଜବରଦଖଲ ହଟିବା ପରେ ନୂତନ ଭାବେ ଓସାରିଆ ଡ୍ରେନ୍ ନିର୍ମାଣ ହୋଇଥିଲା। ତେବେ ବାମ ପାର୍ଶ୍ୱ ପୁରାତନ ଡ୍ରେନ୍ ପୂର୍ବଭଳି ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିଲା। ଲୋକେ ଡ୍ରେନ୍ ଉପରେ ଘର ନିର୍ମାଣ କରି ରହୁଥିଲେ। ଆଉ କିଛି ଡ୍ରେନ୍ ଉପରେ କଂକ୍ରିଟ୍ ସ୍ଲାବ୍ ପକାଇ ନିଜର ବ୍ୟବସାୟ ପ୍ରତିଷ୍ଠାନ କରି ଆସୁଥିଲେ। ସଫେଇ କର୍ମଚାରୀଙ୍କୁ ଡ୍ରେନ୍ ସଫା କରିବାରେ ଅସୁବିଧା ହେଉଥିଲା। ବର୍ଷା ଋତୁରେ ଠିକ୍ ଭାବେ ଜଳ ନିଷ୍କାସନ ହୋଇ ପାରୁ ନଥିଲା। ପୌର ପରିଷଦ ପକ୍ଷରୁ ରାସ୍ତାର ବାମ ପାର୍ଶ୍ୱରେ ନୂତନ ଡ୍ରେନ୍ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା। କିନ୍ତୁ ଜବରଦଖଲ ହଟାଇବାରେ ପ୍ରଶାସନ ଫେଲ୍ ମାରିଥିଲା। ଗତ ୧୪ ତାରିଖରେ ଜିଲାପାଳ ବିମଳେନ୍ଦୁ ରାୟ ସହରର ବିଭିନ୍ନ ୱାର୍ଡ ପରିଦର୍ଶନ କରି ଡ୍ରେନ୍ ସଫେଇ, ପରିମଳ ବ୍ୟବସ୍ଥା ଓ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର କ୍ଷେତ୍ରୀୟ ଅନୁଧ୍ୟାନ କରିଥିଲେ। ସହରର ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବାକୁ ଜିଲାପାଳ ରାୟ ପୌରପରିଷଦର ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣା ପରେ ପୌର ପ୍ରଶାସନ ହଠାତ୍ ତତ୍ପର ହୋଇ ଉଠିଥିଲା। ଡ୍ରେନ୍ ଜବରଦଖଲ କରିଥିବା ୫୭ ଜଣଙ୍କୁ ପରିଷଦ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ନୋଟିସର ୫ ଦିନ ପରେ ବୁଧବାର ଜବରଦଖଲକାରୀମାନେ ସ୍ୱତଃ ହଟିଯିବାର ଦେଖିବାକୁ ମିଳିଛି। ଡ୍ରେନ୍ ଉପରେ ଥିବା ଜବରଦଖଲକୁ ଘର ମାଲିକ ଶ୍ରମିକ ଲଗାଇ ନିଜେ ମୁକ୍ତ କରୁଛନ୍ତି। ସହର ସ୍ୱଚ୍ଛ ରଖିବାକୁ ଜନସାଧାରଣଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି। ଜବରଦଖଲକାରୀ ହଟିବା ପରେ ଗଙ୍ଗାଧର ମେହେର ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବାମ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ହେବ ବୋଲି ଜଣାଯାଇଛି।

## ଚାରାରୋପଣ କଲେ ଛାତ୍ରୀଛାତ୍ର

ଅତାବିରା,(ହୃଷିକେଶ ଖମାରୀ): ଅତାବିରା ବ୍ଲକ କୁଲୁଣ୍ଡସ୍ଥିତ ସ୍ୱାମୀ ବିବେକାନନ୍ଦ ହାଇସ୍କୁଲରେ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଯାଦବ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସ୍କୁଲ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ । ଅନୁଷ୍ଠିତ ସଚେତନତା ସଭାରେ ପ୍ରଧାନ ଶିକ୍ଷକଙ୍କ ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ପୁରନ୍ଦର ପ୍ରଧାନ, ସଚ୍ଚିଦାନନ୍ଦ ପୂଜାରୀ, ସୁଶିଲ ଦାଶ, ରବି ନାରାୟଣ ପ୍ରଧାନ, ଅଶୋକ ଭୋଇ, ସୁବାସ ରଣା ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ପରାମର୍ଶ ଦେଇଥିଲେ ।

## ସଂକ୍ଷେପରେ

### ସାପକାମୁଡ଼ାରେ ନାବାଳିକା ମୃତ

**ଲାଞ୍ଜିଗଡ଼,୧୯।୭(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୁଣ୍ଡରୀ ଗ୍ରାମପଞ୍ଚାୟତ କାଡ଼ମ ଗାଁର ସାପକାମୁଡ଼ାରେ ଗୁରୁତର ଜଣେ ନାବାଳିକାଙ୍କ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଗୁଣ୍ଡରୀ ଗ୍ରାମପଞ୍ଚାୟତ କାଡ଼ମ ଗାଁର ତେଜ ବିଶିଙ୍କ ଝିଅ ନନ୍ଦିନୀ ମଙ୍ଗଳବାର ରାତିରେ ମା' ଓ ଭାଇଭଉଣୀଙ୍କ ସହିତ ଖାଇ ଶୋଇଥିଲେ। ଶୋଇଥିବାବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିଦେବାରୁ ସେ ଘର ଲୋକଙ୍କୁ ଜଣାଇଥିଲା। ପରିବାର ଲୋକେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ବୁଧବାର ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଭବାନୀପାଟଣା ସଦର ଥାନାରେ ଏକ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ଡାଲଗୁମାରୁ ବାଙ୍କିମୁଣ୍ଡା ରାସ୍ତା ନିର୍ମାଣ ପାଇଁ ଦାବି

**କୋକସରା,୧୯।୭ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ପଞ୍ଚାୟତରୁ ବାଙ୍କିମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ଏହି ଅଞ୍ଚଳବାସୀଙ୍କ ପାଇଁ ଏକ ମୁଖ୍ୟ ଯାତାୟାତ ମାଧ୍ୟମ ହୋଇଥିବା ବେଳେ ଦଶନ୍ଧି ପରେ ମଧ ଏହି ରାସ୍ତା ଉପରେ ପ୍ରଶାସନର ନଜର ପଡୁନାହିଁ। କୋକସରା ବ୍ଲକରୁ ଧର୍ମଗଡ ବ୍ଲକକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ଜନସାଧାରଣ ନିର୍ଭର କରୁଛନ୍ତି। ଡାଲଗୁମାରୁ ବାଙ୍କୀମୁଣ୍ଡା ୩ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଅନେକ ସମୟରେ ବିଧାୟକ, ଜନପ୍ରତିନିଧି, ବ୍ଲକ, ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ତେବେ ପଞ୍ଚାୟତ ଅନୁଦାନରୁ ପ୍ରତିବର୍ଷ ମାଟି ମୋରମ ପକାଇ ନାମକୁ ରାସ୍ତା ଉନ୍ନତିକରଣ ନାଁରେ ସରକାରୀ ଅନୁଦାନ ବାଟମାରଣା ହେଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଧର୍ମଗଡ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଚିତାମୁଣ୍ଡାରୁ ଡାଲଗୁମା ବାଙ୍କିମୁଣ୍ଡା ୬ କିଲୋମିଟର ରାସ୍ତା ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି ଓ ଆଗାମୀ ମାସେ ମଧରେ ରାସ୍ତା କାର୍ଯ୍ୟ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବାରିହା ସୂଚନା ଦେଇଛନ୍ତି।

### ନୂତନ ଅଙ୍ଗନୱାଡ଼ି କୋଠା ଉଦ୍‌ଘାଟିତ

**ଅମରପାଲି,୧୯।୭(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅତାଲ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର -୩ର ନୂତନ କୋଠାଘର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ବ୍ଲକ ଅଙ୍ଗନୱାଡ଼ି ସଂଘ ସଭାନେତ୍ରୀ ମମତା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ଅନୁସୟା ଜଗଦାଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କେନ୍ଦ୍ରରେ ୩୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ପୂର୍ବରୁ ଏକ ଭଙ୍ଗାଘରେ ପାଠପଢ଼ା ଚାଲୁଥିଲା। ୨୦୧୭ ମସିହାରୁ ନୂତନ ଅଙ୍ଗନୱାଡ଼ି କୋଠା ନିର୍ମାଣ ସରିଥିଲେ ମଧ ତାହା ହସ୍ତାନ୍ତର ହୋଇ ନ ଥିଲା। ବ୍ଲକ ଉପାଧକ୍ଷ ଓ ବ୍ଲକ ଅଙ୍ଗନୱାଡ଼ି ସଂଘର ସଭାନେତ୍ରୀଙ୍କ ପ୍ରଚେଷ୍ଟାରେ ଉକ୍ତ କେନ୍ଦ୍ର ହସ୍ତାନ୍ତର ହେବା ସହିତ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ଅଙ୍ଗନୱାଡ଼ି କେନ୍ଦ୍ରର ପରିଚାଳନା କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଇଥାନଲ ପ୍ଲାଣ୍ଟକୁ ଗ୍ରାମବାସୀଙ୍କ ବିରୋଧ

**ବରଗଡ଼,୧୯।୭(ପ୍ରେମାନନ୍ଦ ଖମାରୀ)**


ଇଥାନଲ ପ୍ଲାଣ୍ଟକୁ ବିରୋଧ କରି ଗ୍ରାମବାସୀଙ୍କ ଧାରଣା।

ବରଗଡ଼ ଜିଲା ବିଜେପୁରଠାରେ ଇଥାନଲ ପ୍ଲାଣ୍ଟକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିରୋଧ ତେଜୁଛି। ଗ୍ରାମ ବସତି ସ୍ଥାନ ତଥା ସ୍କୁଲର ଅନତିଦୂରରେ ପ୍ଲାଣ୍ଟ ରହିଛି ଏବଂ ଏଥିପାଇଁ ଅଞ୍ଚଳବାସୀ ପ୍ରଦୂଷଣର ସମ୍ମୁଖୀନ ହେଉଛନ୍ତି। ଏଭଳି ଅଭିଯୋଗ କରି ସମ୍ପୃକ୍ତ ସ୍ଥାନରୁ ଇଥାନଲ ପ୍ଲାଣ୍ଟକୁ ହଟାଇବା ପାଇଁ ଦାବି କରି ଅଞ୍ଚଳବାସୀ ପ୍ଲାଣ୍ଟ ସମ୍ମୁଖରେ ଧାରଣାରେ ବସି ଆନ୍ଦୋଳନ ଚଳାଇ ଥିଲେ। ବୁଧବାର ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର, ବିଜେପୁର ତହସିଲଦାର ଆର୍ତ୍ତତ୍ରାଣ ଥାଟୀ, ଥାନା ଆଇଆଇସି କଲ୍ୟାଣୀ ବେହେରା ପ୍ରମୁଖ ଆନ୍ଦୋଳନସ୍ଥଳକୁ ଆସି ଆଲୋଚନା କରିଥିଲେ। ଆଲୋଚନା ପରେ ଗ୍ରାମବାସୀ ଧାରଣାରୁ ଓହରି ଯାଇଛନ୍ତି। ତେବେ ଉକ୍ତ ସ୍ଥାନରେ ଚାଲିଥିବା ଇଥାନଲ ପ୍ଲାଣ୍ଟ ବନ୍ଦ କରା ନ ଗଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଇଥାନଲ ପ୍ଲାଣ୍ଟ ସ୍ଥାପନକୁ ନେଇ ଗ୍ରାମବାସୀ ଆରମ୍ଭରୁ ବିରୋଧ କରି ଆସିଥିଲେ। ଏ ନେଇ ଜିଲାପାଳଙ୍କୁ ମଧ୍ୟ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ମାତ୍ର ସେ ଦିଗରେ କିଛି ପଦକ୍ଷେପ ନିଆଯାଇ ନ ଥିଲା। ଅନ୍ୟପଟେ ଇଥାନଲ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଗଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜନବସତି ଏବଂ ସ୍କୁଲଠାରୁ ଅଳ୍ପଦୂରରେ ପ୍ଲାଣ୍ଟ ରହିଥିବାରୁ ଏହାର କୁପ୍ରଭାବ ଗ୍ରାମବାସୀ ତଥା ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି ବୋଲି ଅଭିଯୋଗ ହୋଇଛି। ଫଳରେ ଉକ୍ତ ଇଥାନଲ ପ୍ଲାଣ୍ଟକୁ ବିରୋଧ କରି ସମ୍ପୃକ୍ତ ଅଞ୍ଚଳରେ ଆନ୍ଦୋଳନ ତେଜି ଉଠିଛି।

# ଚୋରି ମାମଲାରେ ୨ ବାଂଲାଦେଶୀଙ୍କୁ ୨ ବର୍ଷ ଲେଖାଏଁ ଜେଲଦଣ୍ଡ

**ଭବାନୀପାଟଣା,୧୯।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା କଷାକେନ୍ଦୁ ଗ୍ରାମରେ ୨୦୨୨ରେ ହୋଇଥିବା ଏକ ଚୋରି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଭବାନୀପାଟଣା ଏସ୍‌ଡିଜେଏମ୍ ପି.ସୀତାଲକ୍ଷ୍ମୀ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ବାଂଲାଦେଶର ୨ ଅଭିଯୁକ୍ତ ମହମ୍ମଦ ମାସୁଦ ହୁସେନ ଓ ମହମ୍ମଦ ମୁନ୍ନା ମାଜିଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆହୁରି ୬ ମାସ ଲେଖାଏଁ ଜେଲଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, କଷାକେନ୍ଦୁର ଭାରତ ଭୁଷଣ ମୁଣ୍ଡ ତାଙ୍କ ପରିବାର ସହ ନୂଆଁଖାଇ ପାଇଁ ଗତ ୨।୯।୨୦୨୨ରେ ନିଜ ଗ୍ରାମକୁ ଯାଇଥିଲେ। ଏହାର ସୁଯୋଗ ନେଇ ମହମ୍ମଦ ମାସୁଦ ହୁସେନ ଓ ମହମ୍ମଦ ମୁନ୍ନା ମାଜି ଘର କବାଟ ଭାଙ୍ଗି ଟଙ୍କା, ଗହଣା, ଆସବାବ ପତ୍ର ଓ ଅନ୍ୟାନ ସାମଗ୍ରୀ ଚୋରି କରିନେଇଥିଲେ। ଭାରତ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ବେଳେ ଏହି ୨ ବାଂଲାଦେଶୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏପରିକି ସମ୍ପୃକ୍ତ ୨ଜଣ ଉକ୍ତ ଦିନ ଭବାନୀପାଟଣା ସହରର ଅନେକ ଘରୁ ଚୋରି କରିଥିବା ବିଷୟକୁ ନେଇ ଥାନାରେ ମଧ ଏକାଧିକ ମାମଲା ରୁଜୁ ହୋଇଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ୟୁବକ୍ୟାଡର ଏପିପି ଲକ୍ଷ୍ମୀକାନ୍ତ ପାତ୍ର ପରିଚାଳନା କରିଥିଲେ।

# ଅଭିଯୁକ୍ତ ଦୁଇ ଭାଇଙ୍କୁ ଗିରଫ କଲା ପୋଲିସ

**କଣ୍ଟାବାଞ୍ଜି, ୧୯।୭ (ଗୁରୁଦୟାଲ ହଂସ)**

### ଲଳିତ ଜୈନ ମୃତ୍ୟୁ ମାମଲା

ପ୍ରମୋଦ ଜୈନଙ୍କ ପୁଅ ଲଳିତ ଜୈନ (୧୩)ଙ୍କ ମୃତ୍ୟୁ ମାମଲାରେ କଣ୍ଟାବାଞ୍ଜି ପୋଲିସ ଦୁଇଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଭାଇ ହେଲେ କଣ୍ଟାବାଞ୍ଜିର ବିକାଶ ମିତ୍ତଲ (୪୨) ଓ ବିଶାଳ ମିତ୍ତଲ (୪୫)। ଏହି ମାମଲାରେ ପୋଲିସ ଦୁଇଭାଇଙ୍କୁ ଗିରଫ କରିବା ପରେ ଏହି ଘଟଣା ଭିନ୍ନ ମୋଡ ନେଇଛି। କିଭଳି ପରିସ୍ଥିତିରେ ଏବେ ଦୁଇ ଭାଇଙ୍କୁ ଅଭିଯୁକ୍ତ ଦର୍ଶାଇ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି ସେନେଇ ମୁହଁ ଖୋଲି ନ ଥିଲେ ମଧ ଘଟଣା ସମ୍ପର୍କରେ ନାନା ଚର୍ଚ୍ଚା ଶୁଣିବାକୁ ମିଳୁଛି। ପୂର୍ବରୁ ଲଳିତ ଜୈନ ଆତ୍ମହତ୍ୟା କରିଥିବା କୁହାଯାଉଥିଲା। ଗତ ୧୩ ତାରିଖରେ ଲଳିତ କୁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜ କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ସେହି ଦିନ କଣ୍ଟାବାଞ୍ଜି କୁକୁଡାହାଡ ନିକଟ ରେଳଧାରଣାରେ ଏକ ନାବାଳକଙ୍କ ମୃତଦେହ ଜିଆରପି ଉଦ୍ଧାର କରିଥିଲା। ତେବେ ଏହି ମୃତଦେହର ଚିହ୍ନଟ କରା ନ ଯାଇ ତରବରିଆ ଭାବେ ଜିଆରପି ମାଟିରେ ପୋତି ଦେଇଥିଲା। ଥାନାରେ ଲଳିତଙ୍କ ନିଖୋଜ ଅଭିଯୋଗ ପରେ କଣ୍ଟାବାଞ୍ଜି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଜିଆରପି ଏକ ଅଚିହ୍ନା ମୃତଦେହ ପୋତିଥିବା ଖବର ପାଇବା ପରେ ଏହାକୁ ପୋଲିସ ଖୋଳିଥିଲା ଓ ଏହା ଲଳିତଙ୍କର ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ଲଳିତଙ୍କ ମୃତ୍ୟୁ ଆତ୍ମହତ୍ୟାଜନିତ ନୁହେଁ ବୋଲି ଚର୍ଚ୍ଚା ଜୋର ଧରିବା ପରେ ପୋଲିସ ଏନେଇ ତଦନ୍ତ ତ୍ୱରାନ୍ୱିତ କରିଥିଲା। ବୁଧବାର ଦୁଇ ଅଭିଯୁକ୍ତ ବିଶାଳ ଓ ବିକାଶଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଟଙ୍କା ନେଣଦେଣ ଘଟଣାରୁ ଲଳିତଙ୍କୁ ଦୁଇ ଅଭିଯୁକ୍ତ ନିସ୍ତୁକ ମାଡ ମାରିଥିଲେ ଏବଂ ଏହାପରେ ଲଳିତଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏନେଇ ପୋଲିସ ମୁହଁ ଖୋଲୁ ନ ଥିବାରୁ ଘଟଣା ପଛର ସତ୍ୟାସତ୍ୟ ଲୋକଲୋଚନକୁ ଆସିନାହିଁ। ଲଳିତ ମୃତ୍ୟୁ ଘଟଣା ଏବେବି ରହସ୍ୟଜନକ ହୋଇ ରହିଛି।

# ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଧରି କମ୍ପାନୀ ଫେରାର

### କମ ଦିନରେ ଅଧିକ ଲାଭ ପାଇବା ଆଶା ମଉଳି ଗଲା

**ଭବାନୀପାଟଣା,୧୯।୭(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଧର୍ମଗଡ ମହିଳା ମହାବିଦ୍ୟାଳୟକୁ ଯିବା ରାସ୍ତାରେ ଗତ କିଛି ଦିନ ହେଲା ଏକ କମ୍ପାନୀ ଖୋଲିଥିଲା। ଏହା ଏକ ଭଡ଼ା ଘରେ ରହି କାର୍ଯ୍ୟ ଆରମ୍ଭ କରିଥିଲା। ପ୍ରାୟ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ ପରେ କମ୍ପାନୀ ଧର୍ମଗଡ଼ରୁ ଫେରାର ହୋଇଥିବା ଆଲୋଚନା ହେଉଛି। ଏପରି ଏହି କମ୍ପାନୀର ଭଡ଼ା କାର୍ଯ୍ୟାଳୟ ଆଗରେ ବୁଧବାର ଅପରାହ୍ନରେ ଜମାକାରୀମାନେ ପ୍ରବଳ ଭିଡ କରି ପାଟିତୁଣ୍ଡ କରୁଥିବା ମଧ ଦେଖିବାକୁ ମିଳିଥିଲା। ଲୋକଙ୍କ ଅଭିଯୋଗ ଅନୁସାରେ ଜନସନ ଏଣ୍ଡ ଜନସନ ନାମକ କମ୍ପାନୀ ଏଠାରେ ଖୋଲିଥିଲା। ବିଭିନ୍ନ ସ୍କିମରେ ଟଙ୍କା ବିନିଯୋଗ କଲେ କମ ଦିନ ମଧରେ ସୁଧମୂଳ ସହିତ ଦି ଗୁଣା ଟଙ୍କା ଓ ସ୍କିମ ହିସାବରେ ୧୦, ୧୫, ଓ ୪୦ ଦିନ ମଧରେ ମିଳିଥାଏ। ସ୍ଥାନୀୟ ଲୋକମାନେ ଏହି ବିଷୟରେ ଜାଣି ପ୍ରଥମେ କମ ଟଙ୍କା ଲଗାଇ ଦ୍ୱିଗୁଣା ଟଙ୍କା ଫେରସ୍ତ ପାଇଥିଲେ। ଅଧିକ ଲାଭବାନ ହେବା ଆଶାରେ ଅନେକ ବ୍ୟବସାୟୀ ଲକ୍ଷାଧିକ ଟଙ୍କା ଲଗାଇ ଥିଲେ।

# ୧୩୨ /୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପିତ



ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପଣ ସମାରୋହରେ ଅତିଥିବୃନ୍ଦ।

**ବରଗଡ଼,୧୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ହାତୀଶର ପଞ୍ଚାୟତର ଚୋରଗ୍ରୀଣ୍ଡୋଲାରେ ବୁଧବାର ୧୩୨/୩୩କେ.ଭି କ୍ଷମତା ସମ୍ପନ୍ନ ଗ୍ରୀଡ଼ ସବଷ୍ଟେଶନ ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫେରେନ୍ସିଂ ମାଧ୍ୟମରେ ଏହାର ଲୋକାର୍ପଣ କରିଥିଲେ। ଏହି ଅବସରରେ ଭଟଲି ଗ୍ରୀଣ୍ଡୋଲାଠାରେ ଆୟୋଜିତ ସଭାରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲା ପରିଷଦ ସଭ୍ୟ ଈଶ୍ୱର ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଜିଲାପାଳ ମୋନିଷା ବାନାର୍ଜୀ, ଓପିଟିସିଏଲର ବରିଷ୍ଠ ସାଧାରଣ ପରିଚାଳକ ସନ୍ତୋଷ କୁମାର ବନଛୋର ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରକଳ୍ପ କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ ପାଇଁ ୧୦ଜଣ ଅଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପାୱାର ଗ୍ରୀଡ଼ ଦ୍ୱାରା ଜିଲାର ୩ବ୍ଲକ ଅର୍ଥାତ୍ ସୋହେଲା, ଭଟଲି ଏବଂ ଅମ୍ବାଭୋନା ବ୍ଲକର ୧୨ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉପକୃତ ହେବେ। ଏହି ପ୍ରକଳ୍ପରେ ପ୍ରାୟ ୪୫କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ହୋଇଥିବାବେଳେ ଉକ୍ତ ପ୍ରକଳ୍ପରୁ ଜିଲାର ଚାଷୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କୁ ବିଦ୍ୟୁତ ସେବା ମିଳି ପାରିବ ବୋଲି ସୂଚନା ଦିଆଯାଇଛି।

# ୮୬୦ ହିତାଧିକାରୀଙ୍କୁ ଶିକ୍ଷା ସହାୟତା ବାବଦ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ସହାୟତା ପ୍ରଦାନ

**ବୌଦ୍ଧ,୧୯।୭( ଅଜିତ କୁମାର ବାରିକ)**



ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିରରେ ମନ୍ତ୍ରୀ ଓ ଅନ୍ୟମାନେ।

### ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

ବୌଦ୍ଧ ଜିଲା ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଟାଉନହଲଠାରେ ଅନୁଷ୍ଠିତ ଏହି ସହାୟତା ବଣ୍ଟନ ଶିବିରରେ ମୁଖ୍ୟଅତିଥି ଭାବରେ ପଞ୍ଚାୟତିରାଜ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ପ୍ରକାଶ କରିଥିଲେ। ଜିଲାରେ ଯେପରି ଜଣେ ଯୋଗ୍ୟ ଶ୍ରମିକ ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ ସେମାନଙ୍କ ନାମ ପଞ୍ଜୀକରଣ କରି ସମସ୍ତ ସହାୟତା ଯୋଗାଇ ଦେବାକୁ ମନ୍ତ୍ରୀ ଅମାତ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଓ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଯେ କୌଣସି ସମସ୍ୟା ଥିଲେ ତୁରନ୍ତ ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୌଦ୍ଧ ଜିଲାରେ ୬୧୩୭୪ ଜଣ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଥିବା ବେଳେ ଏହି ଅବସରରେ ୮୬୦ ଜଣ ହିତାଧିକାରୀଙ୍କୁ ଶିକ୍ଷା ସହାୟତା ବାବଦକୁ ୩୫ ଲକ୍ଷ ୯୪ ହଜାର ୨୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ୨ ଲକ୍ଷ ଟଙ୍କା, ଜଣଙ୍କୁ ଅନ୍ତେଷ୍ଟିକ୍ରିୟା ସହାୟତା ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ ମଞ୍ଚାସୀନ ଥିବା ବେଳେ ସହ ଶ୍ରମ ଅଧିକାରୀ କେ.ସାହୁ ସଂଯୋଜନା କରିଥିଲେ। ସହ ଶ୍ରମଅଧିକାରୀ ସବିତା କୁମାରୀ ନାଏକ, ସୁଜିତ କୁମାର ଦାସ, କାହ୍ନୁ ଚରଣ ମହାରଣା, ଆର. ବିଜୟ କୁମାର, ବିଚିତ୍ରା ଦିଗାଲ ଓ ସୌମ୍ୟରଞ୍ଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ବର୍ଷାରେ ଘର କାନ୍ଥ ପଡ଼ି ମହିଳା ଗୁରୁତର

**ବୌଦ୍ଧ,୧୯।୭( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ଗତ କିଛି ଦିନ ହେବ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ବୁଧବାର ସକାଳେ ବୌଦ୍ଧ ସହରର ୯ ନମ୍ବର ୱାର୍ଡରେ ଘରର କାନ୍ଥ ପଡି ଜଣେ ମହିଳା ଗୁରୁତର ହୋଇଛନ୍ତି। ନୂଆଁସାହି ବାସିନ୍ଦା ସୌରେନ୍ଦ୍ରୀ ବେହେରା(୪୫) ସକାଳେ ଘରେ ରୋଷେଇ କରୁଥିବା ସମୟରେ ହଠାତ ଘର କାନ୍ଥ ତାଙ୍କ ଉପରେ ପଡି ଯାଇଥିଲା। ସେ କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ। ପାଟି ଶୁଣି ପଡୋଶୀ ଘର ଲୋକେ ଆସି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଜିଲା ପ୍ରଶାସନ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ସୁସ୍ଥ ଜୀବନ ପାଇଁ ଗଛ ଲଗାଅ


ଅତିଥିମାନେ ବୃକ୍ଷରୋପଣ କରୁଛନ୍ତି।

**ପାଇକମାଳ, ୧୯। ୭(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ କେରମେଲାବାହାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସେଠ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ୧୯ ସିଆରପିଏଫ ବାଟାଲିୟନର ରାଜେଶ କୁମାର, ମୁଖ୍ୟବକ୍ତା ବରଗଡ ଜିଲା ପରିବେଶ ସୁରକ୍ଷା ମଞ୍ଚ ସମ୍ପାଦକ ମିନକେତନ ସାହୁ, ସମ୍ମାନୀତ ଅତିଥିଭାବେ ସ୍କୁଲ କମିଟି ଚେୟାରମ୍ୟାନ ଜୟଦେବ ବିଶ୍ୱାଳ ଯୋଗଦେଇଥିଲେ। ମଣିଷକୁ ସୁସ୍ଥ ଭାବରେ ବଞ୍ଚିବାକୁ ହେଲେ ଗଛ ଲଗାଇ, ଜଙ୍ଗଲ ସୁରକ୍ଷା କରିବାକୁ ପଡିବ ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରମାନେ ଗଛ ଲଗାଇ ନିଜେ ଯତ୍ନ ନେବା ପାଇଁ ଶପଥ ନେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ମଧୁସ୍ମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ହଜିଲା ମନିପର୍ସ ଫେରି ପାଇଲେ ଅର୍ଜୁନ

**ସୋହେଲା,୧୯।୭(ଅଶ୍ୱିନୀ ପାତ୍ର)**

### ଶିକ୍ଷକଙ୍କ ବଦାନ୍ୟତା

ବରଗଡ଼ ଜିଲା ସୋହେଲା ଦଶମାଇଲ ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ


ଶିକ୍ଷକ ସ୍ୱପ୍ନେଶ୍ୱର ସାହୁ ପାଇଥିବା ମନିପର୍ସ ପ୍ରଦାନ କରୁଛନ୍ତି।

ସ୍ୱପ୍ନେଶ୍ୱର ସାହୁ ବୁଧବାର ବାଟରେ ପାଇଥିବା ଏକ ମନିପର୍ସକୁ ଫେରାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଶିକ୍ଷକ ସାହୁ ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ସରସ୍ୱତୀ ଶିଶୁ ମନ୍ଦିର ପାଖରେ ଏକ ମନିପର୍ସ ପାଇଥିଲେ। ସେଥିରେ ନଗଦ ୬ହଜାର ଟଙ୍କା ସହିତ ଆଧାର କାର୍ଡ଼ ଏବଂ କିଛି ଜରୁରୀ କାଗଜପତ୍ର ରହିଥିଲା। ତେବେ ପରେ ଶିକ୍ଷକ ସାହୁ ସେହି ପର୍ସଟି ବାଉଁଶେନମୁରା(ସାହାଜବାହାଲ) ଗ୍ରାମର ଅର୍ଜୁନ ମେହେରଙ୍କ ବୋଲି ଜାଣିବାକୁ ପାଇଥିଲେ। ଏ ନେଇ ଅର୍ଜୁନଙ୍କୁ ସୂଚନା ଦେବା ପରେ ସେ ଶିକ୍ଷକ ସାହୁଙ୍କ ପାଖକୁ ଆସି ତାଙ୍କ ମନିପର୍ସ ଗ୍ରହଣ କରିଥିଲେ। ଶିକ୍ଷକ ସାହୁଙ୍କ ଏଭଳି ବଦାନ୍ୟତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# ବିନା ସୂଚନା ଫଳକରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ

**ଖଡ଼ିଆଳ,୧୯।୭(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଅରେଡା ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବିନା ସୂଚନା ଫଳକରେ ହେଉଥିବା ବେଳେ ବଜାର ପିଣ୍ଡି ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। କମ ସିମେଣ୍ଟ ଦେଇ କାର୍ଯ୍ୟ କରିଥିବାରୁ କାର୍ଯ୍ୟ ସାରି ୮ ଦିନ ପରେ ବର୍ଷାରେ ବଜାର ପିଣ୍ଡିଗୁଡିକ ଭାଙ୍ଗି ଯାଉଛି। ଫଳରେ ବଜାର ପିଣ୍ଡି ବର୍ତ୍ତମାନ ମରାମତି କାର୍ଯ୍ୟ ଚାଲିଛି। ସୂଚନା ଫଳକ ନିର୍ମାଣ ନ କରି କାର୍ଯ୍ୟ ଶେଷ କରାଯାଇ ଜନସାଧାରଣଙ୍କୁ ଅନ୍ଧାରରେ ରଖାଯାଇଛି ବୋଲି ଚର୍ଚ୍ଚା ହେଉଛି। ବଜାର ପିଣ୍ଡି କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ସେଥିରେ କମ ସିମେଣ୍ଟ ଓ ନିମ୍ନମାନର ଧଳା ମେଟାଲ ଦେଇ କାର୍ଯ୍ୟ ହୋଇଥିବାରୁ ଭାଙ୍ଗି ଯାଉଛି। ବଜାର ପିଣ୍ଡି ଭିତରେ ବାଲି ଭର୍ତ୍ତି କରିବା ନିୟମ ଥିବାବେଳେ କେବଳ ନାମମାତ୍ର ବାଲି ଦେଇ ମାଟି ଭର୍ତ୍ତି କରିଥିବା ବେଳେ ଦାୟିତ୍ୱରେ ଥିବା ଯନ୍ତ୍ରୀ କାର୍ଯ୍ୟସ୍ଥଳ ପରିଦର୍ଶନ କରୁ ନ ଥିବା ଚର୍ଚ୍ଚା ହେଉଛି। ବିଭାଗ ପକ୍ଷରୁ ଜଣାଯାଇଛି ଯେ, ଚାରିଟି ପିଣ୍ଡିର ଅଟକଳ ମୂଲ୍ୟ ୧୦ ଲକ୍ଷ ଟଙ୍କା। ଏ ନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ରମେଶ ଦୀପଙ୍କୁ ପଚାରିବାରୁ ତାହା ଦଶ ଲକ୍ଷ ଟଙ୍କାର କାର୍ଯ୍ୟ । ସୂଚନ ଫଳକ ତୁରନ୍ତ ନିର୍ମାଣ କରାଯିବ। ଯଦି ନିମ୍ନମାନର କାର୍ଯ୍ୟ ହୋଇଛି, କାଲି କାର୍ଯ୍ୟସ୍ଥଳ ପରିଦର୍ଶନରେ ଯିବି ବୋଲି କହିଥିଲେ। ଜିଲା ପ୍ରଶାସନ ନିମ୍ନମାନର କାର୍ଯ୍ୟର ତଦନ୍ତ କରି ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।


ନିମ୍ନମାନର କାମ ହୋଇଛି।

